

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୫ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 05 JANUARY 2026

Vol.No. 36 ■ No.05 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଭେନେଜୁଏଲା ପରେ ଏବେ ମେକ୍ସିକୋ, କ୍ୟୁବା ଆଉ କଲମ୍ବିଆ ପାଳି: ଟ୍ରମ୍ପ୍ ଦେଲେ ଧମକ



ନୂଆଦିଲ୍ଲୀ,୪/୧ : ଭେନେଜୁଏଲାରେ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ଏବଂ ସଫଳ ସାମରିକ ଅଭିଯାନ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପଡ଼ୋଶୀ ଦେଶମାନଙ୍କ ବିରୋଧରେ ତାଙ୍କର ଆଭିମୁଖ୍ୟ କଠୋର କରିଛନ୍ତି। ଟ୍ରମ୍ପ୍ ମେକ୍ସିକୋ, କ୍ୟୁବା ଏବଂ କଲମ୍ବିଆକୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି, ଯଦି ଏହି ଦେଶଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ସମସ୍ୟା ଏବଂ ନାର୍କୋ ଚାଲାଣକୁ ନିୟନ୍ତ୍ରଣ ନ କରନ୍ତି, ତେବେ ସେମାନେ ମଧ ଗମ୍ଭୀର ପରିଣାମର ସମ୍ମୁଖୀନ ହୋଇପାରନ୍ତି। ଭେନେଜୁଏଲା ଘଟଣାକୁ ଏକ 'ଚେତାବନୀ' ଭାବରେ ଉପସ୍ଥାପନ କରି ଟ୍ରମ୍ପ୍ ଏହି ଦେଶଗୁଡ଼ିକର ସରକାରଙ୍କୁ ଆମେରିକାର ସ୍ୱାର୍ଥ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବୃତି ଲାଟିନ୍ ଆମେରିକାରେ ଆମେରିକାର ସାମରିକ ସମ୍ପୃକ୍ତି ଏବଂ ଭବିଷ୍ୟତ ରଣନୀତି ବୃଦ୍ଧି ନେଇ ସଙ୍କେତ ଦେଇଛି, ଯାହା ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ରାଷ୍ଟ୍ରପତି ଟ୍ରମ୍ପ୍ କ୍ୟୁବାକୁ ଏକ 'ବିଫଳ ରାଷ୍ଟ୍ର' ବୋଲି ଅଭିହିତ କରି କହିଛନ୍ତି, ସେଠାକାର ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ଖୁବ୍ ଶୀଘ୍ର ଠୋସ୍ ନିଷ୍ପତ୍ତି ନିଆଯିବ। ସେ କ୍ୟୁବା ଲୋକଙ୍କୁ ସହାୟତା ଏବଂ ଆମେରିକାରେ ନିର୍ବାସିତ ଜୀବନଯାପନ କରୁଥିବା କ୍ୟୁବା ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ଆହ୍ୱାନ କରିଛନ୍ତି। ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ ଭେନେଜୁଏଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରୁ କ୍ୟୁବା ଶିକ୍ଷା ଗ୍ରହଣ କରିବା ଉଚିତ, କାରଣ ଆମେରିକା ଆଉ ଏହି ଅଞ୍ଚଳରେ ଅସ୍ଥିରତାକୁ ସହ୍ୟ କରିବ ନାହିଁ। ଟ୍ରମ୍ପ ସିଧାସଳଖ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କୁ ଟାର୍ଗେଟ କରି ତାଙ୍କ ଦେଶ ଆମେରିକାକୁ ବିପୁଳ ପରିମାଣରେ ନିଶା ପଠାଉଥିବା ଅଭିଯୋଗ କରିଛନ୍ତି। ଟ୍ରମ୍ପ୍ ଦାବି କରିଛନ୍ତି, କଲମ୍ବିଆରେ ବର୍ତ୍ତମାନ ତିନୋଟି ବିଶାଳ କୋକେନ୍ କାରଖାନା କାର୍ଯ୍ୟ କରୁଛି, କିନ୍ତୁ ପେଟ୍ରୋ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେ ଚେତାବନୀ ଦେଇଛନ୍ତି, ଯଦି କଲମ୍ବିଆ ଡ୍ରଗ୍ସ ଚାଲାଣ ବନ୍ଦ ନ କରେ, ତେବେ ଆମେରିକା ସେଠାରେ ହସ୍ତକ୍ଷେପ କରିବାକୁ ପଛାଇବ ନାହିଁ।

◆◆ପୃଷ୍ଠା ୭

## ଛତିଶଗଡ଼ ଅଟକାଇଦେଲା ମହାନଦୀ ପାଣି



ଭୁବନେଶ୍ୱର, ୪/୧ (ନି.ପ୍ର): ଛତିଶଗଡ଼ ସରକାର ବର୍ଷ ତମାମ ମହାନଦୀର ତଣ୍ଟିଚିପି ରଖିଥିବା ବେଳେ ଓଡ଼ିଶା ପାର୍ଶ୍ୱ ଶୁଖିଲା ପଡୁଛି । ୧୫ ଦିନ ତଳେ ମହାନଦୀର କଲମା ବ୍ୟାରେଜ୍ ତଳେ ଛତିଶଗଡ଼ ସରକାର ବାଲିବନ୍ଧ କରି ଉଛୁଳା ପାଣିକୁ ଟାଣିନେବାକୁ ଷଡ଼ଯନ୍ତ୍ର କରିଥିବା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । କିନ୍ତୁ ପୂର୍ବ ସରକାର ଯେମିତି ମହାନଦୀ ଉପରେ ଗୋଟିଏ ପରେ ଗୋଟିଏ ବ୍ୟାରେଜ୍ ନିର୍ମାଣ ପ୍ରସଙ୍ଗକୁ ଜାଣି ଅଜଣା ହୋଇ ରହିଥିଲେ, ଏବେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ୧୦ ଦିନ ତଳେ ଆରମ୍ଭ ହୋଇଥିବା ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଏବେ ଶେଷ ହୋଇଛି । ବ୍ୟାରେଜ୍ ତଳକୁ ମହାନଦୀରେ ପାଣି ଆସୁଛି ସତ, କିନ୍ତୁ ତାହା ୧୨ କିମି ଦୂରରେ ଥିବା ଓଡ଼ିଶା ସୀମାନ୍ତ ଶୁଖାସୋଢ଼ାରେ ପହଞ୍ଚିପାରୁନି । ଓଡ଼ିଶା ସରକାରଙ୍କ ନିଦ ଏବେ ନ ଭାଙ୍ଗିଲେ ଅଣମୌସୁମୀ ଋତୁରେ ମହାନଦୀରେ ସ୍ୱଳ୍ପ ପରିମାଣରେ ଆସୁଥିବା ପାଣି ପାଇବା କଷ୍ଟକର ହୋଇପଡ଼ିବ ବୋଲି ଦେଖିବାକୁ ମିଳିଛି।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା: ଏସଡିଜେଏମ୍ କୋର୍ଟରେ ଦାଖଲ ହେବ ଚାର୍ଜସିଟ୍

ଭୁବନେଶ୍ୱର, ୪/୧ (ନି.ପ୍ର): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ଏକ ବଡ଼ ଖବର ସାମ୍ନାକୁ ଆସିଛି । ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡର ତଦନ୍ତ କରୁଥିବା ପୁଲିସ ଆଜି ଅପରାହ୍ନରେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବ । ଏହି ଚାର୍ଜସିଟ୍ ?ର କଳେବର ଏତେ ବଡ଼ ଯେ ଏହା ପ୍ରାୟ ୩୦ ହଜାରରୁ ଅଧିକ ପୃଷ୍ଠା ସମ୍ବଳିତ । ପୁଲିସ ପକ୍ଷରୁ ଏହି ବିଶାଳ ରିପୋର୍ଟକୁ ଏକ ସ୍ୱତନ୍ତ୍ର ଟ୍ରଙ୍କ୍ ମାଧ୍ୟମରେ କୋର୍ଟକୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି । ଗତ ଡିସେମ୍ବର ୯ ତାରିଖରେ ପୁଲିସ ଏହି ମାମଲାର କେସ୍ ଡାଏରୀ ବା ସିଡ଼ି କୋର୍ଟରେ ଦାଖଲ କରିଥିଲା । ଏହି ହତ୍ୟାକାଣ୍ଡ ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିତ୍ୱ ରହିଛନ୍ତି ।

◆◆ପୃଷ୍ଠା ୭

## ୪୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଆଇଆଇସି: ଘରୁ ମିଳିଲା ୫ ଲକ୍ଷ



କଟକ , ୪/୧ (ନି.ପ୍ର): ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ରବିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଟକ ସ୍ଥିତ ସିଆରଆରଆଇ ପୁଲିସ ଥାନାର ଆଇଆଇସି ବିଜୟ କୁମାର ବାରିକ। ସୁରୁଖୁରୁରେ ବେପାର କରିବା ପାଇଁ ଉକ୍ତ ମଦ ଦୋକାନୀଙ୍କଠାରୁ ଲାଞ୍ଚ ନେଉଥିଲେ ଆଇଆଇସି ବିଜୟ କୁମାର ବାରିକ। ସେ ଭୁବନେଶ୍ୱରର ରାଜମହଲ ଛକରେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ଲାଞ୍ଚ ନେଇ ଧରାପଡ଼ିବା ପରେ ଆଇଆଇସି ଶ୍ରୀ ବାରିକଙ୍କ ଦୁଇଟି ଠିକଣାରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଆଇଆଇସି ଶ୍ରୀ ବାରିକଙ୍କ ଭୁବନେଶ୍ୱରର ୟୁନିଟ-୧ ସ୍ଥିତ ସରକାରୀ ବାସଭବନରେ ଚଢ଼ାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ନଗଦ ୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏହି ଟଙ୍କା କେଉଁଠାରୁ ଆସିଲା, ତା'ର କୌଣସି ସନ୍ତୋଷଜନକ ଉତ୍ତର ସେ ଦେଇ ପାରି ନଥିବା ସୂଚନା ମିଳିଛି। ଏହା ସହିତ ଅନେକ ସୁନାଗହଣା ଜବତ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଆଇଆଇସି ଶ୍ରୀ ବାରିକଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଅନ୍ୟପକ୍ଷରେ ଆଇଆଇସି ଶ୍ରୀ ବାରିକଙ୍କ ଭୁବନେଶ୍ୱରର ୟୁନିଟ-୧ ସ୍ଥିତ ସରକାରୀ ବାସଭବନରେ ଚଢ଼ାଉ ବେଳେ ତାଙ୍କ ପତ୍ନୀ ଏକ ସିଡିକୁ ଭାଙ୍ଗି ଦେଇଥିଲେ। ସେହି ସିଡିରେ କ'ଣ ଥିଲା, ତାହା ଜଣାପଡ଼ିନାହିଁ। ତେବେ ତାଙ୍କ ପତ୍ନୀ ସେଇଟିକୁ ଭାଙ୍ଗି ଦେବାରୁ ସେଥିରେ କିଛି ଗୁରୁତ୍ୱପୂର୍ଣ୍ଣ କଥା ଥାଇପାରେ ବୋଲି ସନ୍ଦେହ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୋଡ୍‌ରେ ପରିବହନ ବିଭାଗ: ରାଜଧାନୀରେ ଆମ ବସ୍ ଚେକିଂ ପ୍ରକ୍ରିୟା କଡ଼ାକଡି



ଭୁବନେଶ୍ୱର, ୪/୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୋଡ୍‌ରେ ପରିବହନ ବିଭାଗ । ରାଜଧାନୀରେ ଆମ ବସ୍‌ର କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି । ଖୋଦ ପରିବହନ କମିସନର ଫିଟନେସ୍ ଯାଞ୍ଚ ପାଇଁ ମଇଦାନକୁ ଓହ୍ଲାଇଛନ୍ତି । ସଡ଼କ ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଏନଫୋର୍ସମେଣ୍ଟ ଡ୍ରାଇଭ୍ ଆରମ୍ଭ କରାଯାଇଛି। ପରିବହନ କମିସନର ଅମିତାଭ ଠାକୁରଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଟିମ୍ ଆମ ବସ୍ ରୁଟ୍‌ରେ ରହି ଯାଞ୍ଚ କରୁଛନ୍ତି । ଅପରାହ୍ନରେ ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚି ଏନଫୋର୍ସମେଣ୍ଟ ଟିମ୍ ଯାଞ୍ଚ କରିଛନ୍ତି । ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍, ଚାଳକଙ୍କ ଶାରୀରିକ ଓ ମାନସିକ ସ୍ଥିତି ଏବଂ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯାଉଛି। ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ ହେଉଛି କି ନାହିଁ ତାହା ମଧ ଯାଞ୍ଚ କରାଯାଉଛି। ମାଷ୍ଟରକ୍ୟାଣ୍ଟିନ ପରେ ବିଭିନ୍ନ ବସ୍ ଷ୍ଟପେଜ୍ ଏବଂ ଡିପୋକୁ ଯାଇ ଏହି ଟିମ୍ ଆକସ୍ମିକ ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି । ସେପଟେ ପରିବହନ ବିଭାଗର ନିର୍ଦ୍ଦେଶ ପରେ ଆମ ବସ ଯାଉଥିବା ରୁଟରେ କଡ଼ାକଡ଼ି ଚେକିଂ ଚାଲିଛି। ସମସ୍ତ ଥାନା ଅଧିକାରୀଙ୍କୁ ଡିସିପିଙ୍କ ନିର୍ଦ୍ଦେଶ ଦିଆଯାଇଛି । ବ୍ରେଥ ଆନାରାଇଜର ଦ୍ୱାରା, ବସ ଡ୍ରାଇଭରଙ୍କୁ ଚାଲିଛି ଚେକିଂ ଓ ସମସ୍ତ ଥାନା ଅଧୀନରେ ଚାଲିଛି ସ୍ପେଶାଲ ଡ୍ରାଇଭ ଓ ଆମ ବସ୍ ଦୁର୍ଘଟଣା ନେଇ ଉଦ୍‌ବେଗ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

◆◆ପୃଷ୍ଠା ୭

## ଶ୍ରୀଜଗନ୍ନାଥଙ୍କ ଶରଣରେ କଂସ ମହାରାଜ

ପୁରୀ, ୪/୧ (ନି.ପ୍ର): ବରଗଡ ଧନୁଯାତ୍ରାରେ ଦୀର୍ଘ ୧୧ ଦିନ ଧରି କମ୍ପୁଥିଲା ମଂଚ। କଂସ ମହାରାଜାଙ୍କ ହସ କମ୍ପୁଥିଲା ଗଗନ ପବନ । ମହାରାଜ କଂସଙ୍କ ରାଜୁତି ଚାଲିଥିଲା । ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଅନେକ ରାକ୍ଷସଙ୍କୁ ଛଦ୍ମ ବେଶରେ ପଠାଇ ନିହତ ହୋଇଥିଲେ । ଶେଷରେ କୃଷ୍ଣ ବଳରାମ ରଥରେ କଂସଙ୍କ ଦରବାରରେ ପହଂଚିଥିଲେ । କଂସ ମଂଚ ଉପରେ ବସି ଶ୍ରୀକୃଷ୍ଣଙ୍କୁ ଦେଖି ମଂଚରୁ ପଡି ମୃତ୍ୟୁବରଣ କରିଥିଲେ । ଶ୍ରୀକୃଷ୍ଣଙ୍କୁ ଅନେକ ଗାଳିଗୁଲଜ କରିଥିଲେ କଂସ । ଏହାଥିଲା ମଂଚ ମୋହମାୟାର ନାଟକ । ଯାତ୍ରା ସରିବା ପରେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲେ କଂସ ମହାରାଜ ସୁଶିଲ କୁମାର ମେହେର।

## ଛିଡ଼ା ହୋଇଥିବା ପାଉଁଶ ବୋଝେଇ ହାଇୱାକୁ ଧକ୍କା ଦେଲା କାର: ୩ ମୃତ

ସମ୍ବଲପୁର, ୪/୧ (ନି.ପ୍ର): ଧନୁପାଲି ଥାନା ଅନ୍ତର୍ଗତ ଏନଏଚ-୫୫ ନକ୍ସପାଲି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ଏକ କାର ପିଟି ହେବା ଫଳରେ ତିନି ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ଖବର ଅନୁସାରେ ଏକ ପାଉଁଶ ବୋଝେଇ ହାଇୱା(ଓଡି-୧୫-ୟୁ-୯୧୦୪) ଧନୁପାଲି ଥାନା ଅନ୍ତର୍ଗତ ନକ୍ସପାଲି ନକଟରେ ଜାତୀୟ ରାଜପଥ(୫୫) କଡ଼ରେ ଛିଡ଼ା ହୋଇଥିଲା । ଅପରାହ୍ନ ପ୍ରାୟ ୪ଟା ସମୟରେ ସମ୍ବଲପୁର ପଟୁ ଦୃତ ଗତିରେ ଆସି ଏକ କାର(ଓଡି-୧୪-ୟୁ-୮୧୦୩) ଉକ୍ତ ହାଇୱାକୁ ପଛରୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ କାର ଚାଳକଙ୍କ ମୃତ୍ୟୁ ଘଟିଥିଲା ।

◆◆ପୃଷ୍ଠା ୭

## ନୀଳପ୍ରଭା ସାହିତ୍ୟ ପରିଷଦର ୩୪ତମ ବାର୍ଷିକ ଉତ୍ସବ ଓ କବି ଗଂଗାଧର ଦାସଙ୍କ ୮୦ତମ ଜୟନ୍ତୀ ପାଳିତ



ନୀଳଗିରି, ୪/୧ (ନି.ପ୍ର): ରବିବାର ପୂର୍ବାହ୍ନ ୮ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଜୟନ୍ତୀ ଉତ୍ସବ, ଆଲୋଚନା ଓ କବିତା ପାଠ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ପରେ ଦିବଂଗତ କବି ବଂଶିଧର ଚୌଧୁରୀ, ଯତିନ୍ଦ୍ର ସ୍ୱାଇଁ ଓ ଶିକ୍ଷାବିତ୍ କ୍ଷିତିଶ ନାଥ ପାଣିଗ୍ରାହୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଜୟନ୍ତୀ ପର୍ବରେ ସର୍ବଶ୍ରୀ ମହେଶ୍ୱର ସାହୁ, ଜ୍ୟୋର୍ତିମୟ ମଣ୍ଡଳ, ତରତୀ ବାଳିକା ବିଦ୍ୟାନିକେତନ, କ୍ଷୀରଦ ଜେନା, ସୁବାସିନୀ ଜୀ, ବିନୋଦି ପଣ୍ଡା, ପଦ୍ମଲୋଚନ ପ୍ରଧାନ ପ୍ରମୁଖ କବି ଗଂଗଂଧର ଦାସଙ୍କ ଜୀବନ ଚର୍ଯ୍ୟା ଓ ସୃଷ୍ଟି ଉପରେ ଆଲୋଚନା ଓ ପୁଷ୍ପଗୁଚ୍ଛ ଉତ୍ତରୀୟ ସାଲ, କଲମ ପ୍ରଭୃତି ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ଚକ୍ରରେ ସଂଗଠନର ଉପସଭାପତି ଶ୍ରୀଯୁକ୍ତ ବିନୋଦ ବିହାରୀ ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ବିଜୟ ଉପାଧ୍ୟାୟ ମୁଖ୍ୟବକ୍ତା ଡ. ରାଧା ରଂଜନ ପଟ୍ଟନାୟକ, ସମ୍ମାନିତ ବକ୍ତା ଦୈନିକ ସମ୍ବାଦପତ୍ରର ମୁଖ୍ୟ ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରେଣ୍ୟ ବକ୍ତା ଡାଃ ପ୍ରଦୀପ ମିଶ୍ର ପ୍ରାଧାପକ ରବୀନ୍ଦ୍ର ଚୌଧୁରୀ, ପ୍ରଳୟ ନାୟକ ଓ ସମ୍ମାନିତ ଅତିଥି କବୟିତ୍ରୀ ସୁବାସିନୀ ଜୀ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଡଃ. ପ୍ରଦୀପ୍ତ ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମସ୍ତ ଅତିଥିମାନେ ସାଧାରଣ ମଣିଷ ପାଇଁ ଗଦ୍ୟ ସାହିତ୍ୟର ଆବଶ୍ୟକତା ଅପରିହାର୍ଯ୍ୟ ଏହା ଉପରେ ସାର ଗର୍ଭକ ବକ୍ତବ୍ୟ ରଖିଥିଲେ । 'ଦକ୍ଷ ସମୀକ୍ଷକ ଓ ସୁପାଠକ' ଭାବେ କବି ନୀରୋଦ ସୁନ୍ଦର ଜେନାଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ତରତରୀ ବାଳିକା ବିଦ୍ୟାନିକେତନର ଛାତ୍ରୀ ସମେତ ୨୦ଜଣ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଛାତ୍ରୀମାନଙ୍କ କବିତା ଶ୍ରୋତା ମଣ୍ଡଳୀ ଖୁସି ହୋଇ ସେମାନଙ୍କୁ ପୁରସ୍କୃତ କରିଥିଲେ । ବ୍ୟଙ୍ଗ କବି ପ୍ରଭାକର ସାହୁ ଓ ପଦ୍ମଲୋଚନ ପ୍ରଧାନଙ୍କ ମର୍ମଭେଦୀ କବିତାରେ ସମସ୍ତ ଶ୍ରୋତା ମଣ୍ଡଳୀ ଆମୋଦିତ ହୋଇଥିଲେ । ସର୍ବଶେଷରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ମୁଦୁଲି ମଞ୍ଚାସୀନ ଓ ଉପସ୍ଥିତ ସମସ୍ତ କବି କବୟିତ୍ରୀ ଓ ଶ୍ରୋତା ମଣ୍ଡଳୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ ।

## ବିଜେପିର ମିସନ ତାମିଲନାଡୁ : ଆଜିଠୁ ଅମିତ ଶାହଙ୍କ ଦୁଇଦିନିଆ ଗସ୍ତ



ନୂଆଦିଲ୍ଲୀ,୪/୧ : ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜିଠାରୁ ଦୁଇଦିନିଆ ତାମିଲନାଡୁ ଗସ୍ତରେ ଅଛନ୍ତି । ଚଳିତବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଶାହଙ୍କ ଗସ୍ତକୁ ରାଜନୈତିକ ମହଲରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ବିଜେପି ତଥା ଏନଡିଏର ରଣନୀତିକୁ ଅମିତ ଶାହ ଆହୁରି ପ୍ରଭାବଶାଳୀ କରିବାକୁ ଚେଷ୍ଟା କରିବେ । ତାମିଲନାଡୁ ସରକାରଙ୍କ ବିରୋଧରେ ରାଜ୍ୟ ବିଜେପି ସଭାପତି ଏନ. ନଗେନ୍ଦ୍ରନଙ୍କ ରାଜ୍ୟବ୍ୟାପୀ ଯାତ୍ରାର ଉଦଯାପନୀ ଉତ୍ସବରେ ଯୋଗଦେବେ । ଏଥିପାଇଁ ପୁଡୁକୋଟ୍ଟାଇରେ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହା ସହିତ ଅମିତ ଶାହ ବିଜେପି ଓ ଏନଡିଏ ଅଂଶୀଦାର ଦଳ ଏଆଇଏଡିଏମକେ ଏବଂ ଅନ୍ୟଦଳର ନେତାଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଭିନ୍ନ ଦଳ ଓ ଗୋଷ୍ଠୀକୁ ଏନଡିଏରେ ସାମିଲ କରିବା ଅମିତ ଶାହଙ୍କ ଗସ୍ତର ଅନ୍ୟତମ ଲକ୍ଷ୍ୟ ବୋଲି କୁହାଯାଉଛି । ତାମିଲନାଡୁ ପୂର୍ବରୁ ଅମିତ ଶାହ ଆଣ୍ଡାମାନ ନିକୋବରରେ ବିଭିନ୍ନ କାର୍ଯ୍ୟମରେ ଯୋଗଦେଇଥିଲେ ।

# ସେଲ୍, ଆରଏସପି ବର୍ଷ ୨୦୨୫ରେ ପ୍ରମୁଖ ବିଭାଗ ଗୁଡ଼ିକରେ ଉତ୍କୃଷ୍ଟ ପ୍ରଦର୍ଶନ

## ଷ୍ଟିଲ୍ ମେଲ୍ଟିଂ ସପ୍-୨ ବିଭାଗର କାଷ୍ଟର-୪ କାର୍ଯ୍ୟକ୍ଷମ



ରାଉରକେଲା,୦୪/୧ (ନି.ପ୍ର): ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍ର ପ୍ରମୁଖ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରମୁଖ ଉତ୍ପାଦନ ୟୁନିଟ୍ଗୁଡ଼ିକ ୨୦୨୫ ମସିହାରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ ସହକାରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ଆରଏସପିର ଷ୍ଟିଲ୍ ମେଲ୍ଟିଂ ସପ୍-୨ର କାଷ୍ଟର-୪ରୁ ମଧ୍ୟ ୨୦୨୫ ମସିହା ଅକ୍ଟୋବର ୧୩ ତାରିଖରେ ସ୍ଲାବ୍ କାଷ୍ଟିଂ ଆରମ୍ଭ ହୋଇଥିଲା ।

୨୦୨୫ରେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ୩୨,୩୯,୩୯୦ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ରେକର୍ଡ କରିଥିଲା ଏବଂ ୨୦୨୪ରେ ହାସଲ କରିଥିବା ଏହାର ପୂର୍ବ ଶ୍ରେଷ୍ଠ ଉତ୍ପାଦନ ୩୦,୭୨,୭୮୬ ଟନ୍ ପ୍ରଦର୍ଶନକୁ ଅତିକ୍ରମ କରିଥିଲା । ଅନୁରୂପ ଭାବେ, ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ୧୦,୬୨,୭୨୨ ଟନ୍ ହଟ୍ ମେଟାଲ୍ ବ୍ୟବହାର କରି ୨୦୨୪ ମସିହା ତୁଳନାରେ ୮.୯% ବୃଦ୍ଧି ସହିତ ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ହାସଲ କରିଥିଲା । ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ୨୬,୫୪,୫୩୦ ଟନ୍ ଏଚଆର କଏଲ୍ ରୋଲ କରି ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା ଏବଂ ୨୦୨୪ ମସିହାରେ ହାସଲ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୨୫,୨୩,୫୮୭ ଟନ୍ ପ୍ରଦର୍ଶନ କୁ ଅତିକ୍ରମ କରିପାରିଥିଲା । ସିଟ୍ ସିୟରିଂ ଲାଇନ ମଧ୍ୟ ୩,୧୬,୫୮୨ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରିଥିଲା ଯାହା ଏହାର ଶ୍ରେଷ୍ଠ ବାର୍ଷିକ ରେକର୍ଡ ଥିଲା । ଏହା ପୂର୍ବ ବର୍ଷ ତୁଳନାରେ ୩୯.୩% ଅଭିବୃଦ୍ଧି ହାସଲ କରିଥିଲା । ନୂତନ ପ୍ଲେଟ୍ ମିଲ୍ ବର୍ଷ ୨୦୨୫ ରେ ୯,୭୫,୧୩୩ ଟନ୍ ପ୍ଲେଟ୍ ରୋଲିଂ କରି ୨୦୨୪ ମସିହାରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ରେକର୍ଡ ୯,୪୭,୭୭୮ ଟନ୍ କୁ ଅତିକ୍ରମ ପୂର୍ବକ ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ପଞ୍ଜିକୃତ କରିଛି । ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗ ମଧ୍ୟ ୩୭,୪୫,୦୬୯ ଟନ୍ ସିଣ୍ଟର ଉତ୍ପାଦନ କରି ଏହାର ଶ୍ରେଷ୍ଠ ବାର୍ଷିକ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ୨୦୨୧ରେ ହାସଲ ହୋଇଥିବା ୩୭,୩୦,୫୩୨ ଟନ୍ର ପୂର୍ବ ଶ୍ରେଷ୍ଠ ରେକର୍ଡକୁ ଅତିକ୍ରମ କରିଛି । ସେହିପରି ୩୨,୧୧, ୦୧୭ ଟନ୍ ପ୍ରତ୍ୟକ୍ଷ ଚାଲାଣ ଏବଂ ୬,୧୭,୩୯୬ ଟନ୍ ସଡକ ପ୍ରେରଣ ସହିତ, ଆରଏସପି ପୂର୍ବ ବର୍ଷ ତୁଳନାରେ ଯଥାକ୍ରମେ ୧୧% ଏବଂ ୧୯% ଅଭିବୃଦ୍ଧି ହାସଲ କରିଛି । ବୈଷୟିକ-ଅର୍ଥନୈତିକ ପରିମାପକତା କ୍ଷେତ୍ରରେ ମଧ୍ୟ ଆରଏସପି ଇନପୁଟ୍ ଖର୍ଚ୍ଚ ହ୍ରାସ କରିବା ଉପରେ ନିରନ୍ତର ଧ୍ୟାନ ଦେଇ ରେକର୍ଡ ପ୍ରଦର୍ଶନ କରିଛି । କୋଇଲା-ଉତ୍ତପ୍ତ ଧାତୁ ଅନୁପାତ ସର୍ବକାଳୀନ ଶ୍ରେଷ୍ଠ ୦.୮୮୨ ଥିଲାବେଳେ ଶପ୍ କୋକ୍ ହାର ସର୍ବକାଳୀନ ଶ୍ରେଷ୍ଠ ୩୮୫ କିଲୋଗ୍ରାମ ଥିଲା । ବିଏଫ-୫ ର କୋକ୍ ରେଟ୍ ସର୍ବକାଳୀନ ଶ୍ରେଷ୍ଠ ୩୬୮ କିଲୋଗ୍ରାମ ଥିଲା । ୨୦୨୫ ବର୍ଷଟି ବିଭିନ୍ନ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି । ସିସିଏମ-୨ ବିଭାଗରେ ଶ୍ରେଷ୍ଠ ବାର୍ଷିକ ହାରାହାରି ଲାଡଲ୍ ଲାଇଫ୍ ୧୪୭.୫ ହିଟ୍ ହାସଲ କରାଯାଇଥିବା ବେଳେ ଏସଏମଏସ-୨ କନଭର୍ଟରଗୁଡ଼ିକ ମଧ୍ୟ ଶ୍ରେଷ୍ଠ ବାର୍ଷିକ ହାରାହାରି ଲାଇଫ୍ ୭,୭୩୪ ହିଟ୍ ମଧ୍ୟ ହାସଲ କରି ପାରିଛି ।

# ପକ୍ଷୀ ସୁରକ୍ଷା ପରିବେଶ ରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ,୦୪/୧ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ଅଂଚଳର ବ୍ରହ୍ମଗିରି କ୍ଲବ୍ ପକ୍ଷରୁ ନୂଆବର୍ଷକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଚିଲିକା ଓ ବ୍ରହ୍ମଗିରି ଅଂଚଳରେ ଅତିଥି ପକ୍ଷୀଙ୍କ ସୁରକ୍ଷା ଓ ପରିବେଶ ରକ୍ଷା କରିବା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ଚିଲିକା ନିକଟବର୍ତ୍ତୀ ଗ୍ରାମ ଗୁଡିକରେ କରାଯାଇଥିଲା । ସୁନାମୁହିଁ ଛକରୁ ଏକ ଶୋଭାଯାତ୍ରା ବାହାରି, ମାଛିଆ ଦିହାଣ୍ଡି, ମୁଦିରଥ, କରିମପୁର, ବୋରୋକୁଦା, ବାଘଲାଞ୍ଜି, ନହରବାଲି, କୂଅପଦା, ମାତଲାପୁର ଆଦି ଅନେକ ଗ୍ରାମର ମୁରବି ଏବଂ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ । ପ୍ରାୟ ୫ ହଜାର ପୋଷ୍ଟର ବିଭିନ୍ନ ଗ୍ରାମର ଘର କାନ୍ଥରେ ଲଗାଯାଇଥିଲା । ବିଦେଶୀ ଅତିଥି ପକ୍ଷୀଙ୍କୁ ନମାରିବା ପାଇଁ ବ୍ରହ୍ମଗିରି କ୍ଲବ ଅନୁରୋଧ କରିଥିଲା । ଚିଲିକାକୁ ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ଋଷିଆ, କାସ୍ପିଆନ ହ୍ରଦ, ମଙ୍ଗୋଲିଆ, ହିମାଳୟ ଅଂଚଳର ବିବିଧ ପ୍ରକାର ପକ୍ଷୀ ଖାଦ୍ୟ ଅନ୍ୱେଷଣ ଅଣ୍ଡାଦାନ ଓ ସାମୟିକ ଆଶ୍ରୟ ପାଇଁ ଆସୁଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବନ୍ୟପ୍ରାଣୀ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ । ଯୁବ ଆଇନଜୀବୀ ଭାସ୍କର ଜେନା, ଦିଗମ୍ବର ବେହେରା, ଭୀମସେନ ସ୍ୱାଇଁ, ଗୁଣନିଧି ବରାଳ, ଶିବପ୍ରସାଦ ପଣ୍ଡା, ଶ୍ରବଣ କୁମାର ବେହେରା, ରଞ୍ଜନ କୁମାର ଦଳାଇ, ତ୍ରିଲୋଚନ ଦଳାଇ, ପବିତ୍ର ମୋହନ ଦାସ, ଅଜୟ କୁମାର ସ୍ୱାଇଁ, ବ୍ରହ୍ମଚାରୀ ପଲାଇ, ରାଜକିଶୋର ମହାରଣା, ଚିତ ରଞ୍ଜନ ମହାନ୍ତି, ଅନ୍ତର୍ଯ୍ୟାମୀ ପଟ୍ଟନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ବ୍ରହ୍ମଗିରି କ୍ଲବ୍ ସଭାପତି ବିନାୟକ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ପକ୍ଷୀ ସୁରକ୍ଷା ପରିବେଶ ରକ୍ଷା ବାର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୧୪୦ଟି ଗ୍ୟାସ୍ ସିଲିଣ୍ଡର ଉଦ୍ଧାର: ୫ ଗିରଫ

ଜୟପୁର,୦୪/୧ (ନି.ପ୍ର): କୋରାପୁଟ ଜିଲ୍ଲା ବିସିଂହପୁର ଥାନା କୁମୁଲି ଏଚପି ଗ୍ୟାସ ଗୋଦାମରୁ ୧୪୦ଟି ଗ୍ୟାସ ସିଲିଣ୍ଡର ଚୋରି ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିସିଂହ ପୁର ପୋଲିସ । ଗିରଫ ୫ ଜଣଙ୍କ ମଧ୍ୟରୁ ୪ ଜଣ ପାପଡାହାଣ୍ଡିର ଏବଂ ଜଣେ ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ଅଂଚଳର ବୋଲି ଜଣାପଡ଼ିଛି । ଗତ ମାସ ୫ ତାରିଖ ରାତିରେ କୁମୁଲି ଖଙ୍ଗାର ଗୁଡା ନିକଟରେ ଥିବା ଗ୍ୟାସ ଏଜେନସି ମାଲିକ ସନ୍ତୋଷ ମହାପାତ୍ରଙ୍କ ଗୋଦାମ ଗ୍ରୀଲ ଭାଙ୍ଗି ୧୪୦ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା । ୬ ତାରିଖ ଦିନ ଏନେଇ ସନ୍ତୋଷ ମହାପାତ୍ର ବିସିଂହ ପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ସାଇବର ସେଲ ର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ଶେଷରେ ସମସ୍ତ ଚୋରି ଗ୍ୟାସ ସିଲିଣ୍ଡର ପାପଡାହାଣ୍ଡିରୁ ଜବତ କରିଥିଲା ପୋଲିସ । ଚୋରି ସିଲିଣ୍ଡର ନେବା ପାଇଁ ବ୍ୟବହାର ହୋଇଥିବା ଦୁଇଟି ଗାଡିକୁ ମଧ୍ୟ ପୋଲିସ ଜବତ କରିଛି । ଏମାନେ ନିଜ ନିଜ ଅଂଚଳର ଗ୍ୟାସ ଏଜେନ୍ସିରେ କାମ କରି, ଯୋଜନା କରି ଚୋରି କରିଥିଲେ ଆଉ ଏହି ଚୋରି ମାମଲା ଆହୁରି କିଛି ଅଭିଯୁକ୍ତ ସାମିଲ ଅଛନ୍ତି ସେମାନଙ୍କୁ ମଧ୍ୟ ଅତି ଶୀଘ୍ର ଗିରଫ କରାଯିବ ବୋଲି ଏକ ପ୍ରେସ ମିଟ ରେ ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି ।

# ବକ୍ସିବାରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,୦୪/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବକ୍ସିବାରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହିତ ହରିଚନ୍ଦନପୁର ବ୍ଲକ ବିଡିଓ ମଳୟ କୁମାର ନାଏକଙ୍କ କରକମଳରେ ଉଦ୍ଘାଟିତ ହୋଇଯାଇଛି ।ସଂନ୍ଧ୍ୟାକାଳୀନ ସଭାକାର୍ଯ୍ୟରେ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରବୀନ୍ଦ୍ରନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଅତିଥି ହିମାଂଶୁ ଶେଖର ପଣ୍ଡା ଓ ସାଂସଦ ପ୍ରତିନିଧି ଅଶୋକ କୁମାର ବେହେରା, ମୁଖ୍ୟବକ୍ତା ଅଧ୍ୟାପକ ଅମୀୟ ସାମନ୍ତରା, ସମ୍ମାନିତ ଅତିଥି ହରିଚନ୍ଦନପୁର ବ୍ଲକ ସଂପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଏବିଇଓ ସତ୍ୟବ୍ରତ ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଦୀନବନ୍ଧୁ ନାଏକ, ପ୍ରଧାନଶିକ୍ଷକ ତଥା ଆବାହକ ଶ୍ରୀଯୁକ୍ତ ଅନନ୍ତ ଚରଣ ମାହାଲା ମଂଚାସିନ ହୋଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷା ସମାଜର ଦର୍ପଣ ହୋଇଥାଏ । ଶିକ୍ଷାର ଆଲୋକ ସମାଜର ପ୍ରତ୍ୟେକ ବର୍ଗ ର ଲୋକ ଙ୍କ ଆବଶ୍ୟକ ହୋଇଥାଏ । ବିଶେଷ କରି ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତି ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାର ପ୍ରତିଶୃତିବଦ୍ଧ ଓ ଶିକ୍ଷାର ବିକାଶ ହେଲେ ଯୁବ ସମାଜ ଉନ୍ନତି ହେବ । ବିଦ୍ୟାଳୟ ଗୁଡିକରେ ସରକାର ଶିକ୍ଷାଦାନ ସହ କ୍ରୀଡା, ଯୋଗ, କମ୍ପ୍ୟୁଟର ବିଜ୍ଞାନ ପରି ଜୀବନ କୌଶଳ ଶିକ୍ଷା ପ୍ରଦାନ କରାଯାଉଅଛି । ତାହାର ଶିକ୍ଷା ନେଇ ନିଜର ଭବିଷ୍ୟତକୁ ଶିଖର ଛୁଇଁବା ଓ ନିଜ ପରିବାର ତଥା ଅଂଚଳରେ ସୁନାମ ଅର୍ଜନ କରିବା ପାଇଁ ନିମନ୍ତ୍ରିତ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବାର୍ଷିକ ଖେଳକୁଦ ମହୋତ୍ସବରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଝୁମ୍ପୁରା ମଣ୍ଡଳଠାରେ ପ୍ରସ୍ତୁତି ବୈଠକ

କେନ୍ଦୁଝର,୦୪/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଠାରେ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚୋରଣ ମାଝୀଙ୍କ ୫୪ତମ ଜନ୍ମ ଜୟନ୍ତି ଆସନ୍ତା ୬ଜାନୁଆରୀ ୨୦୨୬ରେ ଥିବାରୁ ଝୁମ୍ପୁରା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ବିଜେପିର ଝୁମ୍ପୁରା ମଣ୍ଡଳ ସଭାପତି ଉମାକାନ୍ତ ମହାନ୍ତଙ୍କ ଅଧକ୍ଷତାରେ ହୋଇଯାଇଛି । ଅତିଥି ଭାବେ ବିଜେପିର କେନ୍ଦୁଝର ଜିଲ୍ଲାର ଉପାସଭପତି ପଞ୍ଚାନନ ସାହୁ, ଯୁବ ନେତା ଅନିନ୍ଦ୍ୟ ବେହେରା, ଶିକ୍ଷାବ ବିଭାଗର ବିଜୟା ନନ୍ଦ ସାହୁ,ପୁଷ୍ପ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟରେ ମେଗା ରକ୍ତଦାନ ଶିବିରରେ ଅଧିକ ଲୋକଙ୍କ ଭାଗିଦାରୀ କରାଇବା ପାଇଁ ଆଲୋଚନା ହୋଇଥିଲା ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦାଣ୍ଡିଆକୁଣ୍ଡ ଜଳପ୍ରପାତ

ମାଲକାନଗିରି,୦୪/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଂଚାୟତ ରେଙ୍ଗାମଗୁଡା ଗାଁ ନିକଟରେ ଏକ ପ୍ରାକୃତିକ ପରିବେଶ ଘେରା ସୁନ୍ଦର ଜଳପ୍ରପାତ ଜିଲ୍ଲା ପ୍ରଶାସନ ତଥା କୋରୁକୋଣ୍ଡା ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି । କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଲା ସହରରୁ ଜୟପୁର ଯିବା ରାସ୍ତାରେ ଆପନମାଳା ଗାଁ ଠାରୁ ଶହେ ମିଟର ଦୂର ଗଲା ପରେ ଡାହାଣ ପଟେ ରେଙ୍ଗାମଗୁଡା ଗାଁକୁ ଯିବାକୁ ଏକ ମାଟି ରାସ୍ତା ରହିଛି । ସେଠାରୁ ପାଖାପାଖି ଏକ କିଲୋମିଟର ଗଲେ ଏକ ପାହାଡ ପାଖ ଦେଇ ଦାଣ୍ଡିଆକୁଣ୍ଡ ଜଳପ୍ରପାତ ପଡ଼ିଥାଏ । ଶୀତ ଋତୁରେ ଏଠିକାର ପରିବେଶ ଦାରିଙ୍ଗବାଡି ଠାରୁ ମଧ୍ୟ ଅତି ମନଲୋଭା । ସବୁଜ ବଣ ପାହାଡରେ ପରିପୂର୍ଣ୍ଣ ମଧ୍ୟରେ ଅବହେଳିତ ଭାବେ ପଡ଼ିରହିଛି ଏହି ସୁରମ୍ୟ ଜଳପ୍ରପାତ । ଏହି ଜଳପ୍ରପାତର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅନୁରୋଧ କରୁଛନ୍ତି । ହେଲେ ପ୍ରଶାସନ ଜାଣିଶୁଣି ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଏହା ସହିତ ସୋମନାଥପୁର ପଂଚାୟତ ମଧ୍ୟରେ ଆହୁରି ଅନେକ ଐତିହ୍ୟ କିମ୍ବଦନ୍ତୀ ଭରପୁର ସ୍ଥାନ ରହିଛି । ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲେ କିମ୍ବା ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଲେ ଏଠାକୁ ଜିଲ୍ଲା ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ବଣଭୋଜି ଓ ପିକନିକର ମଜା ନେଇପାରିବେ । ଏହି ଅଂଚଳରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଜଳପ୍ରପାତ ଏବଂ ପର୍ଯ୍ୟଟନସ୍ଥଳୀର ପୁନରୁଦ୍ଧାର ଓ ଉନ୍ନତିକରଣ କରିପାରିଲେ ଏହା ଲୋକଲୋଚନକୁ ଆସିବା ସହ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାନ୍ତା ବୋଲି ଅଂଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାକୁ ପର୍ଯ୍ୟଟକ ମାନେ ଆସିଲେ ଏହି ସୁନ୍ଦର ସରସ ଜଳପ୍ରପାତକୁ ଉପଭୋଗ କରିବା ସହିତ ସ୍ଥାନୀୟ ଜନଜାତିଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ବହୁତ କିଛି ଜାଣିପାରନ୍ତେ । ଏହା ସହିତ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ଦ୍ୱାରା ଜିଲ୍ଲାର ରାଜସ୍ୱରେ ଅଭିବୃଦ୍ଧି ଘଟିବ । ଜିଲ୍ଲାରେ ଅନେକ ଲୁକ୍କାୟିତ ପର୍ଯ୍ୟଟନସ୍ଥଳୀ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି । ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ଏହା ଲୋକଲୋଚନକୁ ଆସି ପାରୁନାହିଁ । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟୀ, ଗୁରୁପ୍ରିୟା ସେତୁ ସହ ଲୁଚି ରହିଥିବା ଏହିସବୁ ପର୍ଯ୍ୟଟନ ସ୍ଥଳୀ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ସୁନାମ ଅର୍ଜନ କରିବା ସହ ପର୍ଯ୍ୟଟକଙ୍କ ଆଗମନରେ ସହସ୍ରାଧିକ ରାଜସ୍ୱ ମଧ୍ୟ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ଯଦି ଆମ ଅଂଚଳରେ ଏପରି କିଛି ପର୍ଯ୍ୟଟନସ୍ଥଳୀ ରହିଛି । ତାହେଲେ ଆଗାମୀ ଦିନରେ ନିଶ୍ଚିତ ଏହାର ଉନ୍ନତିକରଣ କରାଯିବା ନେଇ ପ୍ରୟାସ କରିବୁ ବୋଲି କହିଛନ୍ତି ।

# ହକି ଇଣ୍ଡିଆ ସବ୍-ଜୁନିୟର ଏକାଡେମୀ ଜାତୀୟ ଚାମ୍ପିଅନସିପରେ ସେଲ୍ ହକି ଏକାଡେମୀର ଉତ୍କୃଷ୍ଟ ପ୍ରଦର୍ଶନ




ରାଉରକେଲା,୦୪/୧ (ନି.ପ୍ର): ସେଲ୍,ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଲ୍ ହକି ଏକାଡେମୀ (ଏସଏଚଏ) ଗତ ଡିସେମ୍ବର ୨୨ ରୁ ୨୯ ତାରିଖ ପର୍ଯ୍ୟନ୍ତ ସୁରଟରେ ଅନୁଷ୍ଠିତ ହକି ଇଣ୍ଡିଆ ସବ୍-ଜୁନିୟର ଏକାଡେମୀ, ଜାତୀୟ ଚାମ୍ପିଅନସିପରେ ତୃତୀୟ ସ୍ଥାନ ହାସଲ କରିଛି । ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଏସଏଚଏ ଦଳ ହକି ଏକାଡେମୀ ହରିୟାଣାକୁ ୭-୦ ଗୋଲରେ ପରାସ୍ତ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ସାରା ଦେଶରୁ ମୋଟ ୧୭ଟି ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ । ଏସଏଚଏ ଦଳ ସେମିଫାଇନାଲରେ ପଞ୍ଜାବ ହକି ଏକାଡେମୀ ଠାରୁ ପରାସ୍ତ ହେବା ପୂର୍ବରୁ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା । ଏସଏଚଏର ଦିନେଶ ବାର୍ଲାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ମିଡ୍-ଫିଲ୍ଡର ଭାବରେ ବିବେଚିତ କରାଯାଇଥିଲା । ଜାନୁଆରୀ ୧ ତାରିଖ ଦିନ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ରଘୁ ନନ୍ଦନ ପାଢୀ ସଂଯୋଜନା କରିଥିଲେ ।

# ହଜିଯାଉଛି କୃଷିଭିତ୍ତିକ ପର୍ବ ପୁଷପୁନି ପରମ୍ପରା: ଆଉ ଶୁଭୁନି ଦେ ରେ ବୁଢ଼ୀ ଛେର୍ ଛେରା

ଜୟପୁର,୦୪/୧ (ନି.ପ୍ର): ଆଜି ପୌଷ ପୂର୍ଣ୍ଣିମା ବା ପୁଷ ପୁନି ଛେର୍ ଛେରା ପର୍ବ ପାଳିତ ହୋଇଥିବା ବେଳେ, ଆଦିବାସୀ ବହୁଳ କୋରାପୁଟ ଜିଲାରେ ପୂର୍ବଭଳି ଆଉ ଲୋକଙ୍କ ମଧ୍ୟରେ ଏହି ପର୍ବପାଇଁ ଯେଉଁ ଉତ୍ସାହ ଥିଲା ତାହା ଏବେ ପରିଲକ୍ଷିତ ହେଉନାହିଁ ଓ ପୁଷପୁନି ପର୍ବ ଏକ କୃଷି ଭିତିକ ପର୍ବ ଓ ଏହାର ଏକ ସ୍ୱତନ୍ତ୍ରତା ରହିଛି ହେଲେ ଦିନକୁ ଦିନ ପାଶ୍ଚାତ୍ୟ ସଂସ୍କୃତିର କାୟାବିସ୍ତାର ଯୋଗୁଁ ଏବେ ଆଉ ପୂର୍ବଭଳି ଦେଖିବାକୁ ମିଳୁନି ଲୋକଙ୍କ ମଧ୍ୟରେ ଆଗ୍ରହ । ଅବିଭକ୍ତ କୋରାପୁଟ ଜିଲାରେ ପାଳିତ ହୋଇ ଆସୁଥିବା ଏହି ପୁଷପୁନି ତିହାରର ଏକ ସ୍ୱତନ୍ତ୍ରତା ରହିଛି ଏବଂ ଏହା ଏକ କୃଷି ଭିତିକ ପର୍ବ ଭାରତରେ ପାଳିତ ହୋଇ ଆସୁଛି । ଚାଷୀ ଏହି ସମୟରେ ଅମଳ କରିଥିବା ଧାନକୁ ନେଇ ଆସିଥାଏ । ଯେଉଁ ଶ୍ରମିକ ମାନେ ମାଲିକ ମାନଙ୍କ ପାଖରେ ହଳିଆ ଶ୍ରମିକ କାମ କରୁଥାନ୍ତି ଏହି ଦିନ ପୂର୍ବରୁ ସେମାନେ ମାଲିକ ଠାରୁ ମୁକୁଳିବା ସହ ଖଳାଛେଦ ନିସ୍ତାର ସହ ଅନ୍ୟାନ୍ୟ ବ୍ୟବହାରିକ ସାମଗ୍ରୀ ନେଇ ଏହି ତିହାରକୁ ପାଳନ କରିଥାନ୍ତି । ଏହି ପୁଷପୁନି ତିହାର ପରେ ପରେ ମାଘ ମାସରୁ ପୁଣି ଏହି ଶ୍ରମିକ ତାର ମାଲିକ ପାଖରେ କାମ କରିବା ପାଇଁ ଚୁକ୍ତି କରିଥାଏ । ମୁଣ୍ଡର ଝାଳକୁ ତୃଣ୍ଡରେ ମାରି ଖରା ବର୍ଷାରେ ଅକ୍ଲାନ୍ତ ପରିଶ୍ରମ କରି କ୍ଲାନ୍ତିକୁ ଉପଶମ କରିବା ପାଇଁ ଏହି ଦିନ ବିଭିନ୍ନ ରକମର ବିଭିନ୍ନ ପିଠାପଣା ସହ ସ୍ୱତନ୍ତ୍ର ଭାବରେ ମଣ୍ଡାପିଠା ତିଆରି କରି ସେ ନିଜେ ଏବଂ ତାର ପଡୋଶୀ ମାନଙ୍କୁ ପୁଷପୁନି ପିଠା ଦେଇ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରିଥାଏ । ଏହି ଦିନ ଗ୍ରାମର ପୁରୁଣା ବୃଦ୍ଧମାନେ ଗ୍ରାମର ଛୋଟଛୋଟ ଶିଶୁମାନଙ୍କୁ ନେଇ ପୁଷପୁନି ଛେରଛେରା ମାଗିଥାନ୍ତି । ଏହି ଛେରଛେରା ମାଗିବା ସମୟରେ ଗ୍ରାମ୍ୟ ଜୀବନରେ ପ୍ରତିଫଳିତ ହେଉଥିବା ବିଭିନ୍ନ ଗୀତ ଗାଇ ବିଭିନ୍ନ ବାଦ୍ୟର ତାଳେତଳେ ନୃତ୍ୟ କରିଥାନ୍ତି ଯାହା ଗ୍ରାମୀଣ ଜୀବନର ଅନ୍ୟ ଏକ ସ୍ୱତନ୍ତ୍ରତା ରହିଛି । କିନ୍ତୁ, ବର୍ତମାନ ପୌରାଣିକ ଆଖ୍ୟା ଓ ଗ୍ରାମ୍ୟ ଜୀବନରେ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରି ଆସୁଥିବା କୋରାପୁଟ ଜିଲାର ଏହି ମହାନ ପର୍ବ ଆଗ ପରି ଆଉ ପାଳିତ ହେଉନାହିଁ । ଏହି ମହାନ ପର୍ବ ଅପସଂସ୍କୃତି ଓ ଆଧୁନିକତା ଯୋଗୁଁ ଧିରେ ଧିରେ ହରେଇବାକୁ ବସିଲାଣି । ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତି, ବେଶ ଓ ପୋଷାକ ସହ ଆଧୁନିକତା ଖାଦ୍ୟରେ କବଳିତ ହୋଇ ଆଜିର ମଣିଷ ତା'ର ପୂର୍ବ ସଂସ୍କୃତିକୁ ଭୁଲି ଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ନେଉଛି । ପୂର୍ବରୁ ଥିବା ଆମର ସଂସ୍କୃତିକ, ଐତିହ୍ୟ ଓ ପରମ୍ପରାକୁ ଲୋକେ ଭୂଲି ଗଲେଣି । ଆଦିବାସୀ ଗ୍ରାମ୍ୟ ଜୀବନକୁ ସରସ ସୁନ୍ଦର କରି ଆସୁଥିବା ଏବଂ ଛେରଛେରା ଗୀତ ଗାଉଥିବା ପରି ଲୋକ ସଙ୍ଗିତକୁ ମଧ୍ୟ ଆଜିର ସମାଜ ଭୂଲିଯାଇ ଏହି ଦିନରେ ଡିଜେ ଭଳି ବାଦ୍ୟର ତାଳେ ତାଳେ ନିଜକୁ ହଜେଇ ଦେଉଛି । ଏହି ମହାନ ପର୍ବକୁ ବଂଚାଇ ରଖିବାକୁ ଯଦି ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କରାନଯାଏ ତାହାହେଲେ ଆଗାମୀ ଦିନରେ ଏହି ମହାନ ପର୍ବ ଇତିହାସ ପୃଷ୍ଠାରେ କେବଳ ସୀମିତ ହୋଇ ରହିଯିବ । ଆଗାମୀ ପିଢି ଏହି ତିହାର ଉପରେ କେବଳ ଲୋକେ କହୁଥିବା କଥା ଶୁଣିବେ କିନ୍ତୁ ଏହାର ବାସ୍ତବତା ଉପରେ କିଛି ଜାଣି ପାରିବେନାହିଁ । ଆଦିବାସୀ ଅଂଚଳ କୋରାପୁଟ ଜିଲାରେ ଚାଲି ଆସୁଥିବା ବିଭିନ୍ନ ତିହାର ସଂସ୍କୃତି ଓ ପରମ୍ପରା ଉପରେ କିପରି ବଂଚିବ ସେଥିପାଇଁ ସଚେତନ ନାଗରିକ ସହ ସରକାର ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି ।

# ଜମୁଛି ଧର୍ମଶାଳା ମହୋତ୍ସବ : ନବମ ସନ୍ଧ୍ୟାରେ ବଲିଉଡ କଣ୍ଠ ଶିଳ୍ପୀଙ୍କ ସଙ୍ଗୀତରେ ଦର୍ଶକ ମତୱାଲା

ଧର୍ମଶାଳା,୦୪/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ମହୋତ୍ସବ କମିଟି ପକ୍ଷରୁ ଜାରକାସ୍ଥିତ ମହୋତ୍ସବ ପଡିଆରେ ଆୟୋଜିତ ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟାରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି । ଅପରାହ୍ନ ୪ଟାରୁ ଲୋକମାନଙ୍କ ଗହଳି ଆରମ୍ଭ ହୋଇଯାଇଥିଲା । ମହୋତ୍ସବକୁ ଆସିଥିବା ଲୋକେ ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରି ମେଳାରେ ବୁଲିବାର ମଜା ଉଠାଇ ଥିଲେ । ବିଶେଷ କରି ପିଲା ଓ ଯୁବକ ଯୁବତୀମାନେ ମହୋତ୍ସବ ପଡିଆରେ ପଡିଥିବା ଦୋଳି ଖେଳିବାର ମଜା ନେଇଥିଲେ । ଏହି ଅବସରରେ ମହୋତ୍ସବ ପଡିଆରେ ଭଳିକି ଭଳି ଜିନିଷର ପସରା ମେଲା ଯାଇଥିବା ବେଳେ ଲୋକେ ଦୋକାନରୁ ଚଟପଟି ଖାଦ୍ୟ ଖାଇବା ସହ ଘରକରଣା ଜିନିଷମାନ କିଣୁଥିବାର ଦେଖିବାକୁ ମିଳିଥିଲା । ସନ୍ଧ୍ୟା ପରେ ମହୋତ୍ସବ ପଡିଆର ମୁକ୍ତାକାଶ ମଂଚରେ ଆଜି ବଲିଉଡ କଣ୍ଠ ଶିଳ୍ପୀ ନକ୍ସ ଅଜିଜ ଓ ସାଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ଓ ନୃତ୍ୟରେ ଦର୍ଶକମାନେ ମତୱାଲା ହୋଇଥିଲେ । ମହୋତ୍ସବରେ ଲୋକଙ୍କ ଭିଡକୁ ଦେଖି କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମହୋତ୍ସବ ପଡିଆରେ ଦୃବୃତମାନଙ୍କ ପ୍ରତି ସାବଧାନ ରହିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇ ଲୋକମାନଙ୍କୁ ସଚେତନତା କରାଯାଉଥିବା ବେଳେ କୌଣସି ଅଘଟଣ ଉପରେ ନଜର ରଖିବା ଲାଗି ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଲଗାଇ ଦିଆଯାଇଛି । ଗତ ବର୍ଷ ତୁଳନାରେ ମହୋତ୍ସବ ଅଧିକ ସଂପ୍ରସାରିତ ହୋଇପାରିଛି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏଠାରେ ନିର୍ମିତ ହୋଇଥିବା ପେଣ୍ଡାଲ ବହୁ ବଡ କରି ଦିଆଯାଇଛି ।

ମହୋତ୍ସବକୁ କମିଟିର ସଭାପତି ରବିନ୍ଦ୍ର ନାରାୟଣ ବେହେରା, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ହିମାଂଶୁ ଶେଖର ମହାନ୍ତି, ସବ୍ୟସାଚୀ ସୁନ୍ଦର ରାୟ, ସୁଦାମ ବେହେରା, ଆଲୋକ କୁମାର ପ୍ରଧାନ ସମେତ ସମସ୍ତ ସଦସ୍ୟ ଓ ବଜାର କମିଟିର କର୍ମକର୍ତାମାନେ ପରିଚାଳନାରେ ସହାୟତା କରୁଛନ୍ତି ।

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଉଦ୍ଯାପିତ

ଧର୍ମଶାଳା,୦୪/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସାତ ଦିନ ଧରି ଚାଲିଥିବା ଶୀତକାଳୀନ ଶିବିର ଉଦ୍ଯାପିତ ହୋଇଯାଇଛି । ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢୀଙ୍କ ସଭାପତିତ୍ୱରେ ଏନ୍ଓ୍ୱାଇପିର ସଭାପତି ମଧୁସୁଦନ ଦାସ,ସମ୍ମାନୀତ ଅତିଥିଭାବେ ଅରାବଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ବିଶ୍ୱାଳ ଓ ଜିଲା ଏନ୍ଏସ୍ଏସ୍ ସଂଯୋଜକ ତଥା ବରୀ ରାମଚନ୍ଦ୍ରପୁର କଲେଜର ଅଧ୍ୟାପକ ସୁଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ବ୍ୟକ୍ତିତ୍ୱ ଗଠନ ଓ ରାଷ୍ଟ୍ର ନିର୍ମାଣ ବାର୍ତା ପ୍ରଦାନ କରିଥିଲେ । ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଅମୂଲ୍ୟ କୁମାର ପତି, ଡ. ରଶ୍ମୀକାନ୍ତ ଦାଶ, ସୂର୍ଯ୍ୟକାନ୍ତ ରାଉତ, ସଂଜୟ କୁମାର ପ୍ରଧାନ, ସେକ୍ ରହୁନ୍ ଅମୀନ, ଅଧ୍ୟାପିକା ରଶ୍ମିତା ସାମଲ, ଜୟଶ୍ରୀ ନାୟକ, ସାଗରିକା ଦାସ, ସଂଜିତା ପରୱିନ, ଫରାତ ଜାହାନ୍, ଏମଡି ରେହେମାନ ଅଲ୍ଲୀ, ଅଟଳ ବିହାରୀ ଜେନା, ଖେଳ ଶିକ୍ଷକ ବିବେକାନନ୍ଦ ଜେନା, ବିନୟ ରାଉତ, ଶିକ୍ଷାକର୍ମଚାରୀ ଧର୍ମେନ୍ଦ୍ର କୁମାର ମହାନ୍ତି, ସୁନିଲ ଓଝା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ବାବୁଲା ରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ସ୍ୱେଚ୍ଛାସେବୀମାନଙ୍କ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଶେଷରେ ଶିକ୍ଷା ବିଭାଗର ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଭିନ୍ନ ଦିବସ ମାନଙ୍କରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଓ ବିଶ୍ୱତାପ ଓ ଜଳବାୟୁ ପରିବର୍ତନ କାର୍ଯ୍ୟକ୍ରମକୁଏମଡି ଇମ୍ରାନ ଅଲ୍ଲୀ ଓ ଫରାତ ଜାହାନ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଦିଲ୍ଲୀର ସୁପରବଗ୍ ସଙ୍କଟ

ଭାରତର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ବର୍ତ୍ତମାନ ଏକ ବାର୍ଷିକ ବିପର୍ଯ୍ୟୟରେ ପରିଣତ ହୋଇସାରିଛି ଏବଂ ଏହା କେବଳ ଏକ ପରିବେଶଗତ ସମସ୍ୟା ହୋଇ ରହିନାହିଁ, ବରଂ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟ ସଙ୍କଟର ରୂପ ନେଇଛି । ଶୀତଦିନ ଆସିଲେ ଘନ କୁହୁଡ଼ି ଏବଂ ଧୂଆଁର ଆସ୍ତରଣ ସହରକୁ ଆଚ୍ଛାଦିତ କରିଦିଏ, ଯାହା ଫଳରେ ନିଶ୍ୱାସ ନେବା କଷ୍ଟକର ହୋଇପଡେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି କେବଳ ଧୂଳିକଣା, ଯାନବାହାନର ଧୂଆଁ କିମ୍ବା ରାସାୟନିକ ଗ୍ୟାସ୍ ମଧ୍ୟରେ ସୀମିତ ନାହିଁ । ସମ୍ପ୍ରତି ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଏକ ଭୟଙ୍କର ସତ୍ୟ ଉନ୍ମୋଚିତ କରିଛି ଯାହା ଆମର ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେବା ପାଇଁ ଯଥେଷ୍ଟ । ଦିଲ୍ଲୀର ବାୟୁରେ କେବଳ ବିଷାକ୍ତ କଣିକା ନାହିଁ, ବରଂ ଏଥିରେ ଭରପୂର ରହିଛି 'ସୁପରବଗ୍' ବା ଔଷଧ ପ୍ରତିରୋଧୀ ବ୍ୟାକ୍ଟେରିଆ । ଏହି ଅଦୃଶ୍ୟ ଶତ୍ରୁମାନେ ସାଧାରଣ ଆଣ୍ଟିବାୟୋଟିକ୍ ଔଷଧ ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି ନାହିଁ, ଯାହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି । ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ର ପରିବେଶ ବିଜ୍ଞାନ ବିଭାଗ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଆମକୁ ଏକ ନୂତନ ସ୍ୱାସ୍ଥ୍ୟ ସଙ୍କଟ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଯେଉଁଠାରେ ବାୟୁ ପ୍ରଦୂଷଣ କେବଳ ଶ୍ୱାସକ୍ରିୟା ଜନିତ ସମସ୍ୟା ନୁହେଁ ବରଂ ସଂକ୍ରାମକ ରୋଗର ଏକ ପ୍ରମୁଖ ବାହକ ସାଜିଛି ।

ଏହି ଅଧ୍ୟୟନର ତଥ୍ୟ ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହା ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଗବେଷକମାନେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ, ଯେପରିକି ବସନ୍ତ ବିହାର ଭଳି ଜନବହୁଳ ଅଞ୍ଚଳ ଏବଂ ବିଭିନ୍ନ ବଜାର ଅଞ୍ଚଳରୁ ବାୟୁ ନମୁନା ସଂଗ୍ରହ କରିଥିଲେ । ଫଳାଫଳରୁ ଜଣାପଡିଛି ଯେ ବାୟୁରେ ଷ୍ଟାଫିଲୋକୋକସ୍ (Staphylococcus) ଜାତୀୟ ବ୍ୟାକ୍ଟେରିଆର ମାତ୍ରା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷିତ ସୀମା ଠାରୁ ବହୁ ଗୁଣ ଅଧିକ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବାୟୁରେ ଅଣୁଜୀବଙ୍କ ସାନ୍ଦ୍ରତା ପ୍ରତି ଘନ ମିଟରରେ ୧୦୦୦ କଲୋନୀ ଫର୍ମିଂ ୟୁନିଟ୍ (CFU) ରୁ ଅଧିକ ହେବା ଉଚିତ୍ ନୁହେଁ । କିନ୍ତୁ ଦିଲ୍ଲୀର କିଛି ସ୍ଥାନରେ ଏହି ମାତ୍ରା ୧୬,୦୦୦ ଉରଟ ପର୍ଯ୍ୟନ୍ତ ପହଞ୍ଚିଥିବା ଦେଖାଯାଇଛି । ଏହାର ଅର୍ଥ ହେଲା, ଦିଲ୍ଲୀବାସୀ ପ୍ରତି ମୁହୂର୍ତ୍ତରେ ବିଷାକ୍ତ ବାୟୁ ସହିତ କୋଟି କୋଟି କ୍ଷତିକାରକ ଜୀବାଣୁ ମଧ୍ୟ ନିଶ୍ୱାସରେ ଗ୍ରହଣ କରୁଛନ୍ତି । ସବୁଠାରୁ ଭୟଙ୍କର କଥା ହେଲା, ଏହି ଜୀବାଣୁମାନଙ୍କ ମଧ୍ୟରୁ ପ୍ରାୟ ୭୩ ଶତାଂଶ ଏକାଧିକ ଔଷଧକୁ ପ୍ରତିରୋଧ କରିବାର କ୍ଷମତା ରଖନ୍ତି । ଅର୍ଥାତ୍, ଯଦି କେହି ଏହି ବ୍ୟାକ୍ଟେରିଆ ଦ୍ୱାରା ସଂକ୍ରମିତ ହୁଅନ୍ତି, ତେବେ ବଜାରରେ ଉପଲବ୍ଧ ସାଧାରଣ ଆଣ୍ଟିବାୟୋଟିକ୍ ଔଷଧ ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ପରିସ୍ଥିତି ପାଇଁ ପିଏମ୍ ୨.୫ (PM 2.5) ବା ସୂକ୍ଷ୍ମ ଧୂଳିକଣା ମୁଖ୍ୟତଃ ଦାୟୀ । ବାୟୁରେ ଭାସୁଥିବା ଏହି ଅତି କ୍ଷୁଦ୍ର କଣିକାଗୁଡ଼ିକ ବ୍ୟାକ୍ଟେରିଆମାନଙ୍କ ପାଇଁ ଏକ 'ବାହନ' ବା ରାଫ୍ଟ ଭଳି କାମ କରନ୍ତି। ବ୍ୟାକ୍ଟେରିଆଗୁଡ଼ିକ ଏହି ଧୂଳିକଣା ଉପରେ ବସି ବାୟୁମଣ୍ଡଳରେ ବହୁ ଦୂର ପର୍ଯ୍ୟନ୍ତ ଯାତ୍ରା କରିପାରନ୍ତି ଏବଂ ମଣିଷର ଫୁସଫୁସର ଗଭୀରତମ ଅଂଶରେ ପ୍ରବେଶ କରନ୍ତି। ଜେଏନୟୁର ଗବେଷଣାରୁ ଜଣାପଡିଛି ଯେ ଏହି ବ୍ୟାକ୍ଟେରିଆଗୁଡ଼ିକରେ 'ମେକ୍-ଏ' (mecA) ନାମକ ଏକ ଜିନ୍ ରହିଛି, ଯାହା ସେମାନଙ୍କୁ ମେଥିସିଲିନ୍ ଏବଂ ଅନ୍ୟାନ୍ୟ ବିଟା-ଲାକ୍ଟାମ୍ ଆଣ୍ଟିବାୟୋଟିକ୍ ବିରୋଧରେ ଶକ୍ତିଶାଳୀ କରିଥାଏ । ଯେତେବେଳେ ଜଣେ ବ୍ୟକ୍ତି ଏହି ଦୂଷିତ ବାୟୁ ସେବନ କରନ୍ତି, ସେତେବେଳେ ଏହି ଔଷଧ-ପ୍ରତିରୋଧୀ ଜୀବାଣୁ ଶରୀରରେ ପ୍ରବେଶ କରି ରକ୍ତ ପ୍ରବାହ, ଚର୍ମ ସଂକ୍ରମଣ କିମ୍ବା ନିମୋନିଆ ଭଳି ଗୁରୁତର ରୋଗ ସୃଷ୍ଟି କରିପାରନ୍ତି । ଯେହେତୁ ଏହି ଜୀବାଣୁଗୁଡ଼ିକ ଔଷଧକୁ ପ୍ରତିରୋଧ କରିପାରନ୍ତି, ତେଣୁ ରୋଗୀର ଚିକିତ୍ସା ଅତ୍ୟନ୍ତ ଜଟିଳ ଏବଂ ବ୍ୟୟବହୁଳ ହୋଇପଡେ, ଏବଂ ଅନେକ କ୍ଷେତ୍ରରେ ଏହା ମୃତ୍ୟୁର କାରଣ ମଧ୍ୟ ସାଜିପାରେ ।

ଏହି ସମସ୍ୟାର ମୂଳ କାରଣ କେବଳ ବାୟୁ ପ୍ରଦୂଷଣ ନୁହେଁ, ବରଂ ଆମର ପରିବେଶ ପରିଚାଳନା ଏବଂ ଔଷଧ ବ୍ୟବହାରରେ ଥିବା ତ୍ରୁଟି ମଧ୍ୟ ଏଥିପାଇଁ ଦାୟୀ । ସହରାଞ୍ଚଳରେ ଅପରିଷ୍କାର ପରିବେଶ, ଖୋଲା ନାଳନର୍ଦ୍ଦମା, ଏବଂ ହସ୍ପିଟାଲ ବର୍ଜ୍ୟବସ୍ତୁର ଅବ୍ୟବସ୍ଥିତ ପରିଚାଳନା ଯୋଗୁଁ ମାଟି ଏବଂ ପାଣିରେ ଏହି କ୍ଷତିକାରକ ବ୍ୟାକ୍ଟେରିଆଙ୍କ ସଂଖ୍ୟା ବୃଦ୍ଧି ପାଏ । ଯେତେବେଳେ ପବନ ବହେ କିମ୍ବା ଧୂଳି ଉଡେ, ଏହି ଜୀବାଣୁମାନେ ମାଟିରୁ ବାୟୁମଣ୍ଡଳକୁ ଚାଲିଆସନ୍ତି । ଏହା ବ୍ୟତୀତ, ମଣିଷ ଏବଂ ପଶୁପାଳନ କ୍ଷେତ୍ରରେ ଆଣ୍ଟିବାୟୋଟିକ୍‌ର ଅତ୍ୟଧିକ ଏବଂ ଅନିୟନ୍ତ୍ରିତ ବ୍ୟବହାର ଯୋଗୁଁ ବ୍ୟାକ୍ଟେରିଆମାନେ ନିଜକୁ ପରିବର୍ତ୍ତନ କରି ଶକ୍ତିଶାଳୀ ହେଉଛନ୍ତି। ଏହାକୁ 'ଆଣ୍ଟିମାଇକ୍ରୋବିଆଲ୍ ରେଜିଷ୍ଟାନ୍ସ' (AMR) ବା ଆଣ୍ଟିବାୟୋଟିକ୍ ପ୍ରତିରୋଧ କୁହାଯାଏ । ପୂର୍ବରୁ ଆମେ ଭାବୁଥିଲୁ ଯେ ଏହି ପ୍ରତିରୋଧୀ ଜୀବାଣୁ କେବଳ ହସ୍ପିଟାଲ କିମ୍ବା ଦୂଷିତ ପାଣିରେ ଥାଆନ୍ତି, କିନ୍ତୁ ବର୍ତ୍ତମାନ ଏହା ସ୍ପଷ୍ଟ ହୋଇଛି ଯେ ଆମେ ଯେଉଁ ବାୟୁରେ ନିଶ୍ୱାସ ନେଉଛୁ, ତାହା ମଧ୍ୟ ଏହି ବିପଦରୁ ମୁକ୍ତ ନୁହେଁ । ବିଶେଷକରି ଶୀତଦିନେ, ଯେତେବେଳେ ବାୟୁମଣ୍ଡଳର ତାପମାତ୍ରା କମିଯାଏ ଏବଂ ପ୍ରଦୂଷକ କଣିକାଗୁଡ଼ିକ ଭୂପୃଷ୍ଠର ନିକଟତର ହୋଇ ରହିଥାନ୍ତି (Inversion effect), ସେତେବେଳେ ଏହି ବ୍ୟାକ୍ଟେରିଆଙ୍କ ସାନ୍ଦ୍ରତା ସର୍ବାଧିକ ହୋଇଥାଏ ।

ଏହି ପରିସ୍ଥିତିର ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବ ଅତ୍ୟନ୍ତ ଗଭୀର । ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ, ଯେଉଁଠାରେ ଏକ ବିରାଟ ଜନସଂଖ୍ୟା ସ୍ୱାସ୍ଥ୍ୟସେବା ପାଇଁ ସଂଘର୍ଷ କରୁଛନ୍ତି, ସେଠାରେ ବାୟୁବାହିତ ସୁପରବଗ୍‌ର ପ୍ରସାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଅସହ୍ୟ ଚାପ ସୃଷ୍ଟି କରିବ । ଶିଶୁ, ବୃଦ୍ଧ ଏବଂ ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିମାନେ ଏହାର ସହଜ ଶିକାର ହେବେ । ସାଧାରଣ କାଶ, ଥଣ୍ଡା କିମ୍ବା ଛୋଟ ଖଣ୍ଡିଆ ମଧ୍ୟ ପ୍ରାଣଘାତୀ ହୋଇପାରେ ଯଦି ସଂକ୍ରମଣ କରୁଥିବା ଜୀବାଣୁ କୌଣସି ଔଷଧକୁ ମାନନ୍ତି ନାହିଁ । ଏହା ଦ୍ୱାରା ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇବ, ହସ୍ପିଟାଲରେ ରହଣି ସମୟ ବଢିବ ଏବଂ ପରିବାରଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ । 'ଲାନସେଟ୍' ପତ୍ରିକାରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନ ଅନୁଯାୟୀ, ବାୟୁ ପ୍ରଦୂଷଣ ଏବଂ ଆଣ୍ଟିବାୟୋଟିକ୍ ପ୍ରତିରୋଧ ମଧ୍ୟରେ ସିଧାସଳଖ ସମ୍ପର୍କ ରହିଛି ଏବଂ ଯଦି ଏହାକୁ ନିୟନ୍ତ୍ରଣ କରା ନଯାଏ, ତେବେ ୨୦୫୦ ମସିହା ବେଳକୁ ଏହା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ମୃତ୍ୟୁର କାରଣ ହୋଇପାରେ । ଦିଲ୍ଲୀର ଏହି ଘଟଣା କେବଳ ଗୋଟିଏ ସହରର ସମସ୍ୟା ନୁହେଁ, ବରଂ ଏହା ସମଗ୍ର ଦେଶ ପାଇଁ ଏକ ସତର୍କ ଘଣ୍ଟି । ଭୁବନେଶ୍ୱର, କଟକ କିମ୍ବା ଅନ୍ୟାନ୍ୟ ଭାରତୀୟ ସହରରେ ମଧ୍ୟ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି, ତେଣୁ ଏହି ବିପଦ ଆମ ଦ୍ୱାରଦେଶରେ ମଧ୍ୟ ପହଞ୍ଚିପାରେ।

ଏହି ସଙ୍କଟର ମୁକାବିଲା ପାଇଁ ଏକ ବହୁମୁଖୀ ରଣନୀତିର ଆବଶ୍ୟକତା ରହିଛି। ପ୍ରଥମତଃ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣକୁ କେବଳ ପରିବେଶ ସୁରକ୍ଷା ଭାବରେ ନ ଦେଖି ଏହାକୁ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ବିଚାର କରିବାକୁ ହେବ । ପିଏମ୍ ୨.୫ ସ୍ତର କମାଇବା ପାଇଁ ଯାନବାହାନ, ଶିଳ୍ପ ଏବଂ ନିର୍ମାଣ କାର୍ଯ୍ୟ ଉପରେ କଠୋର ନିୟନ୍ତ୍ରଣ ଜରୁରୀ । ଦ୍ୱିତୀୟତଃ, ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଏକାନ୍ତ ଆବଶ୍ୟକ । ଖୋଲା ନାଳ, ଅଳିଆ ଗଦା ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟଗୁଡ଼ିକରୁ ଯେପରି ଜୀବାଣୁ ବାୟୁମଣ୍ଡଳକୁ ନ ବ୍ୟାପନ୍ତି, ସେଥିପାଇଁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ହେବା ଦରକାର । ତୃତୀୟତଃ, 'ୱାନ୍ ହେଲ୍ଥ' (One Health) ନୀତି ଆପଣାଇବାକୁ ପଡିବ, ଯେଉଁଠାରେ ମଣିଷ, ପଶୁ ଏବଂ ପରିବେଶର ସ୍ୱାସ୍ଥ୍ୟକୁ ଏକତ୍ର ବିଚାର କରାଯାଏ । ଆଣ୍ଟିବାୟୋଟିକ୍ ଔଷଧର ଅପବ୍ୟବହାର ରୋକିବା ପାଇଁ କଡା ଆଇନ ଏବଂ ଜନସଚେତନତା ସୃଷ୍ଟି କରିବା ଜରୁରୀ । ଡାକ୍ତରମାନେ ଅନାବଶ୍ୟକ ଭାବେ ଆଣ୍ଟିବାୟୋଟିକ୍ ଲେଖିବା ବନ୍ଦ କରିବା ଉଚିତ୍ ଏବଂ ଜନସାଧାରଣ ମଧ୍ୟ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ସେବନରୁ ନିବୃତ୍ତ ରହିବା ଉଚିତ୍ । ଦିଲ୍ଲୀ ବାୟୁରେ ସୁପରବଗ୍‌ର ଆବିଷ୍କାର ଆମକୁ ଏକ ଭୟଙ୍କର ଭବିଷ୍ୟତର ଝଲକ ଦେଖାଉଛି । ବାୟୁ ପ୍ରଦୂଷଣକୁ କେବଳ ଫୁସଫୁସର ଶତ୍ରୁ ଭାବିବା ଭୁଲ; ଏହା ବର୍ତ୍ତମାନ ଜୀବନ ରକ୍ଷାକାରୀ ଔଷଧର ପ୍ରଭାବକୁ ମଧ୍ୟ ନଷ୍ଟ କରୁଛି । ସରକାର, ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ସାଧାରଣ ଜନତା ସମସ୍ତେ ମିଳିତ ଭାବେ କାର୍ଯ୍ୟ କଲେ ହିଁ ଏହି ଅଦୃଶ୍ୟ ମହାମାରୀକୁ ରୋକାଯାଇପାରିବ ।

# ଉତ୍କଟ ବାୟୁ ପ୍ରଦୂଷଣ ଓ ଗୁରୁଗ୍ରାମରେ ଅନୁଭୂତି



**ସତ୍ୟ ମହାପାତ୍ର**

ରାଜଧାନୀ ସହର ଦିଲ୍ଲୀରେ ସଂପ୍ରତି ଜୀବନ ମରଣ ସମସ୍ୟାର ରୂପ ନେଇ ଯାହା ପ୍ରତିଭାତ ହୋଇଛି, ତାହା ହେଉଛି ଅତ୍ୟନ୍ତ ଉତ୍କଟ ବାୟୁ ପ୍ରଦୂଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ହୁ ଦ୍ୱାରା ଜାରି ସତର୍କତାମୂଳକ ପରାମର୍ଶ ଅନୁସାରେ ଏୟାର କ୍ୱାଲିଟି ଇନଡେକସ୍ ବା ଏ.କ୍ୟୁ.ଆଇ ସ୍ତର ୬୦ ତଳକୁ ରହିବା ହେଉଛି ମନୁଷ୍ୟ ସ୍ୱାସ୍ଥ୍ୟର ଅନୁକୂଳ, ଯାହା ଦିଲ୍ଲୀରେ ହାରାହାରି ୩୦୦ରୁ ୪୦୦ ମଧ୍ୟରେ ରହୁଛି ଏବଂ ବେଳେ ବେଳେ କେତେକ ସ୍ଥାନରେ ଏ.କ୍ୟୁ.ଆଇ ଏକ ଅଚିନ୍ତନୀୟ ୧୪୦୦ରେ ମଧ୍ୟ ପହଞ୍ଚି ଯାଉଛି। କହିବା ଅନାବଶ୍ୟକ ଯେ ଏଭଳି ସ୍ଥିତିରେ ଅତିଷ୍ଠ ଦିଲ୍ଲୀ ନାଗରିକଗଣ ନିର୍ମଳ ବାୟୁ ସେବନ କରିବାର ଅଧିକାର ସକାଶେ ଦାବି କରି ସଡ଼କରେ ରୁଣ୍ଡ ହେଲେଣି, ଯହିଁରେ ଏଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନରେ ସରକାରଙ୍କ ବିଫଳତା ଓ ପ୍ରସଙ୍ଗର ଅନାବଶ୍ୟକ ରାଜନୀତିକରଣକୁ ତୀବ୍ର ସମାଲୋଚନା କରାଯାଉଛି, ଯଦିଓ ନିକଟରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଏଭଳି ସ୍ଥିତି ସକାଶେ ସାଧାରଣରେ କ୍ଷମା ଯାଚନା କରିସାରିଲେଣି। କେବଳ ସେତିକି ନୁହେଁ, ମାନ୍ୟବର ସର୍ବୋଚ୍ଚ ଅଦାଲତ ମଧ୍ୟ ପରିସ୍ଥିତିକୁ ଗାମ୍ଭୀର୍ଯ୍ୟର ସହିତ ବିଚାର କରି ସରକାର ଓ ପୌରପାଳିକାକୁ ତିରସ୍କାର ମଧ୍ୟ କରିଛନ୍ତି। କିନ୍ତୁ ବାସ୍ତବତାଟି ହେଲା, ଶୀତଋତୁର ସମାପ୍ତି ନ ଘଟିବା ପର୍ଯ୍ୟନ୍ତ ବିଷାକ୍ତ ବାୟୁ ଦ୍ୱାରା ରୁଦ୍ଧି ହେବାର ଜ୍ୱାଳାରୁ ଦିଲ୍ଲୀ ମୁକ୍ତି ପାଇବ ନାହିଁ। କିନ୍ତୁ ଆଉ ଏକ ବାସ୍ତବତା ହେଲା ନିରୁଦବିଗ୍ନ ଓ ଅସହାୟ ସରକାର ଏବଂ ପୀଡ଼ିତ ନାଗରିକଙ୍କୁ ଅତିକ୍ରମ କରି ଟିକିଏ ଗଭୀର ଦୃଷ୍ଟି ନିକ୍ଷେପ କଲେ ଦିଶଥାଏ କିଭଳି ଆମ ସମସ୍ତଙ୍କୁ ଘୋଟି ରହିଛି ଆତ୍ମ ନିରୀକ୍ଷଣରେ ଅନ୍ଧତ୍ୱ ଯାହାକୁ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ହୋଇଥାଏ।

ଏହିପରି ଉତ୍କଟ ବାୟୁ ପ୍ରଦୂଷଣ ଓ ଭୟାନକ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ଗତ ନଭେମ୍ବର ୩୦ ତାରିଖରେ ମୋତେ ଯିବା ପାଇଁ ପଡ଼ିଥିଲା ଗୁରୁଗାଁଓ। ଯେଉଁଠି ମୋ ଭଉଣୀ ସ୍ୱାତୀ ଓ ଭିଣୋଇ ମନସିଜ ଦାସ ରହୁଛନ୍ତି। ଭିଣୋଇ ବହୁରାଷ୍ଟ୍ରୀୟ କମ୍ପାନୀ ରିକେଟ୍ କମ୍ପାନୀର ଜଣେ ପଦସ୍ଥ ଅଧିକାରୀ। ସେ ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ଲଣ୍ଡନ ଓ ବାରାଣାସୀ ଯାଇଥିବାରୁ ମୋତେ ଗତ ନଭେମ୍ବର ୩୦ରୁ ଡିସେମ୍ବର ୧୭ ପର୍ଯ୍ୟନ୍ତ ଭଉଣୀ ପାଖରେ ସମୟ କାଟିବାର ସୁଯୋଗ ପାଇଲି। ତେବେ ମୋ ଯିବା ସମୟର ଯାତ୍ରାଟି ଅତ୍ୟନ୍ତ ରୋମାଞ୍ଚକର ଥିଲା ମୋ ପାଇଁ କାରଣ ରାସ୍ତାରେ ପ୍ରବଳ ଗହଳି ପାଇଁ ମୁଁ ପହଞ୍ଚିବାବେଳକୁ ଏୟାରପୋର୍ଟରେ ବୋର୍ଡିଂ ସରିଗଲାଣି। ବାଧ୍ୟ ହୋଇ ବାପାଙ୍କୁ ଲଗେଜ ଫେରାଇ କେବଳ ଯାହା ପିନ୍ଧିଥିଲି, ଆଧାର କାର୍ଡ଼ ଓ ମୋବାଇଲଟି ଧରି ବିମାନରେ ଉଠିଥିଲି। ନୂଆଦିଲ୍ଲୀ ସନ୍ନିକଟ ଗୁରୁଗ୍ରାମରେ ମୋ ଭିଣୋଇ ପିଣ୍ଟୁ ଭାଇ ଡି.ଏଲ.ଏଫ. କମ୍ପାନୀର ଫ୍ଲାଟରେ ଅବସ୍ଥାନ କରୁଛନ୍ତି। ସେଠାର ପରିବେଶ ଏପରି ପ୍ରଦୂଷଣଯୁକ୍ତ ଥିଲା ଯେ ମୋତେ କୁଆଡ଼େ ବାହାରିବା ପାଇଁ ଆଦୌ ଇଚ୍ଛା ହେଉନଥିଲା। ପଢ଼ାପଢ଼ି ଓ ଟିଭି ଦେଖା ସହ ପ୍ରାୟତଃ ବାପା ବୋଉ ଓ ଓଡ଼ିଶାରେ ଥିବା ଆଇନଜୀବୀ ବନ୍ଧୁ ମାନଙ୍କ ସହ ଯାହା କଥାବାର୍ତ୍ତା ହେଉଥିଲି। ପ୍ରଦୂଷଣର କାୟା ଏପରି ବିସ୍ତାର ହୋଇଥିଲା ଯେ ଦିନ ତମାମ ଧୂଳି ଓ କୁହୁଡ଼ିର ଏକ ଚାଦର ଯେପରି ସମଗ୍ର ପରିବେଶକୁ ଘୋଡ଼ାଇ ଦେଇଥିଲା। ଦିନରେ ମଧ୍ୟ ଲୋକମାନଙ୍କୁ ଲାଇଟ ଦେଖାଇ ଗାଡ଼ି ଚଳାଇବା ପାଇଁ ପଡୁଥିଲା। ତେବେ ଏସବୁ ଭିତରେ ନୂଆ ଦିଲ୍ଲୀର ଜଗନ୍ନାଥ ମନ୍ଦିର, ଇଣ୍ଡିଆ ଗେଟ ଓ ସୁପ୍ରିମକୋର୍ଟ ସହ ନୂଆଦିଲ୍ଲୀର ଅନ୍ୟାନ୍ୟ ଦର୍ଶନୀୟ ଜାଗାକୁ ବୁଲାଇ ନେଇଥିଲେ। ସବୁଠାରୁ ଏକ ସ୍ମରଣୀୟ ଘଟଣା ଭାବେ ଗୁରୁଗାଁଓର ଏକ ସାଉଥ ଇଣ୍ଡିଆନ ହୋଟେଲ ଯାହାର ନାମ 'ନୈବେଦ୍ୟମ୍' ସେଠି ଦୋଷା ଖାଇବା ସମୟରେ ଆମେ ଜାଣିବାକୁ ପାଇଲୁ ଯେ ସମସ୍ତ କର୍ମଚାରୀ ହେଉଛନ୍ତି ପ୍ରାୟତଃ ଓଡ଼ିଆ। ନୂଆଦିଲ୍ଲୀର ଏକ ନୂଆ ଆଇଟମ ଭାବେ ପିଣ୍ଟୁ ଭାଇ ମୋତେ ଯେଉଁ କାବୁଲି ବୁଟକଷା ଓ ପନିର ଭର୍ତ୍ତା ଖୋଇଥିଲେ ବାସ୍ତବିକ ତାହା ଅତ୍ୟନ୍ତ ସୁସ୍ୱାଦୁ ଥିଲା। ଆଉ ଏକ କୌତୁହଳ ଓ ମନେରଖିବା ପରି ଘଟଣା ମୋ ପାଇଁ ଥିଲା ଏକ ପ୍ରସିଦ୍ଧ ମ୍ୟାଗି ଖାଇବା ପାଇଁ ପିଣ୍ଟୁ ଭାଇ ମୋତେ ମୁମ୍ବାଇ ନୂଆଦିଲ୍ଲୀ ହାଇୱେରେ ଏକ ଲମ୍ବା ଡ୍ରାଇଭରେ ନେଇଥିଲେ। ଆପାର୍ଟମେଣ୍ଟରେ କିନ୍ତୁ ଅନ୍ତେବାସୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ଅନେକ ସମୟ ଅନ୍ୟ ପିଲାମାନଙ୍କ ସହିତ କ୍ରିକେଟ ଖେଳୁ। କ୍ରିକେଟ ଖେଳିବାରେ ସମୟରେ ମୁଁ କଟାଇଥିଲି।

ସମୟ ଗୁଡ଼ିକ ଦିନ ପରେ ଦିନ ଏପରି ବିତିଗଲା ଯେ ମୋତେ ଲାଗିଲା ନାହିଁ ମୁଁ ସତରେ ବାପା-ମାଆଙ୍କୁ ଛାଡ଼ି ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ସୁଦୂର କଟକ ଛାଡ଼ି ଭଉଣୀ ପାଖରେ ଗୁରୁଗାଁଓରେ ରହିପାରିଲି। ସୁପ୍ରିମକୋର୍ଟର ଆଇନଜୀବୀ ବନ୍ଧୁ ଦେବାଶିଷ ଜେନା ଓ ଅନ୍ୟ ଜଣେ ବନ୍ଧୁ ବିକାଶ ବିଶ୍ୱାଳ ସାକ୍ଷାତ ହୋଇଥିଲେ। ସାମ୍ପ୍ରତିକ ଆଇନ ସମ୍ବନ୍ଧୀୟ ଘଟଣାକ୍ରମ ଓ ନୂଆ ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜୀବନରେ ଏପରି ସମୟ ସବୁ ଆମ୍ଭମାନଙ୍କ ପାଇଁ କେତେବେଳେ ଯେ ପହଞ୍ଚେ କେହି କହିପାରିବ ନାହିଁ। ଜୀବନର ପ୍ରତିଟି ମୁହୂର୍ତ୍ତ ଯେତିକି ଆନନ୍ଦପୂର୍ଣ୍ଣ ସେତିକି ଆହ୍ୱାନପୂର୍ଣ୍ଣ ଓ ସେତିକି ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଚିନ୍ତା ଜନକ ହୋଇଗଲାଣି। ଗୁରୁଗାଁଓରେ ରହଣି ସମୟରେ ପ୍ରଦୂଷଣ କଥା ମୋ ଭିତରେ ଗଭୀର ଭାବେ ରେଖାପାତ କରିଥିଲା। ଏ ଦୃଷ୍ଟିରୁ ଦେଖିଲେ ମୋ ଜନ୍ମ ମାଟି ହଜାର ବର୍ଷର ପ୍ରସିଦ୍ଧ ସହର କଟକ ଢ଼େର ଢ଼େର ଭଲ ଓ ଆନନ୍ଦପୂର୍ଣ୍ଣ ଜାଗା। ପ୍ରଦୂଷଣ ଆମ ବର୍ତ୍ତମାନ ସମୟ ପାଇଁ ଏପରି ଘାତକ ସାବ୍ୟସ୍ତ ହେଲାଣି ଯେ ଏହା ଜଣକୁ ରୋଗଗ୍ରସ୍ତ କରିବା ସହ ଦୁର୍ଘଟଣାର କାରଣ ହେଉଛି। ପରିବେଶର ସନ୍ତୁଳନ ସମ୍ପୂର୍ଣ୍ଣ ବିଗିଡ଼ି ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ପରିବେଶକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ବୃକ୍ଷରୋପଣ କରିବା, ଅନାବନା ଆବର୍ଜନା ବା ନଡ଼ା ପୋଡ଼ିବା ନାହିଁ, ବର୍ଜ୍ୟବସ୍ତୁ ଏଣେତେଣେ ଅପରିଷ୍କାର ଭାବରେ ପକାଇବା ନାହିଁ ଏହିପରି ଭାବନା ଗୁଡ଼ିକ ମୋ ଭିତରେ ରେଖାପାତ କରୁଥାଏ।

ଦେଶର ପ୍ରତିଷ୍ଠିତ ଅନୁଷ୍ଠାନ ମାନଙ୍କ ଗବେଷକମାନଙ୍କ ଦ୍ୱାରା ୨୦୨୪ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଦିଲ୍ଲୀ ବାୟୁରେ ଉପସ୍ଥିତ ପିଏମ୧୦ ଓ ପିଏମ୨.୫ କଣିକାର ୫୦%ରୁ ଅଧିକର ଉତ୍ସ ହେଉଛି ଜୈବିକ ଜାଳେଣି ଓ ଆବର୍ଜନା ଦହନ। ଆଇଆଇଟି କାନପୁର ୨୦୨୩ରେ ବାସଗୃହମାନଙ୍କରେ ସବୁଠାରୁ ବଡ଼ ଲାଭ ଦେଖିବାକୁ ମିଳିବ। ରୋଷେଇ ଓ ଉତ୍ତାପ ପାଇଁ ଜାଳେଣି କାଠ ବଦଳରେ ଏଲପିଜି, ବାୟୋଗ୍ୟାସ ବା ବିଦ୍ୟୁତ ଶକ୍ତି ଉପଯୋଗ କରିବା ଦ୍ୱାରା ପିଏମ୨.୫ କଣିକାର ଏକ ବଡ଼ ଉତ୍ସ ସମାପ୍ତ ହୋଇଯିବ ଏବଂ ଘରୋଇ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରତି ବର୍ଷ ହେଉଥିବା ପ୍ରାୟ ୮,୦.୦୦୦ ଅକାଳ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଏହା ଏକ କଠିନ କାର୍ଯ୍ୟ କିନ୍ତୁ ଲକ୍ଷ୍ୟ କୈନ୍ଦ୍ରିକ ନୀତି କାର୍ଯ୍ୟକାରୀ କରି ଆମେ ଏହା ହାସଲ କରିପାରିବା। ଉଦାହରଣ ସ୍ୱରୂପ ନିମ୍ନ ଆୟ ବର୍ଗର ପରିବାରଙ୍କୁ କାଠ ଜାଳେଣି ସଂପୂର୍ଣ୍ଣ ରୂପେ ତ୍ୟାଗ କରାଇବା ପାଇଁ ପିଏମ ଉଜ୍ଜ୍ୱଳା ଯୋଜନାକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ।

ବ୍ୟକ୍ତିଗତ ଗାଡ଼ି ମଟର ଓ ସାର୍ବଜନୀନ ପରିବହନ ବ୍ୟସ୍ଥାରେ ବିଦ୍ୟୁତ ଶକ୍ତିର ଉପଯୋଗକୁ ବ୍ୟାପକ କରିବା ଦ୍ୱାରା ସହରୀ ପ୍ରଦୂଷଣକୁ ଲଗାତାର ହ୍ରାସ କରାଯାଇପାରିବ। ତେବେ ଏଥିପାଇଁ ସ୍ଲୋଗାନ ନୁହେଁ ଦୀର୍ଘକାଳୀନ ନୀତି, ଦୃଢ଼ ଆର୍ଥିକ ଅନୁଦାନ, ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ ଆବଶ୍ୟକ। ଶେଷରେ ବାୟୁ ପ୍ରଦୂଷଣର ସ୍ଥାନୀୟ ଉତ୍ସ (ଧୂଳି, ନିର୍ମାଣ, ଅଳିଆ ପୋଡ଼ି. ଗହଳି) ଗୁଡ଼ିକୁ ସଶକ୍ତ ଓ ଉତ୍ତରଦାୟୀ ପୌରପାଳିକା ଦ୍ୱାରା ମୁକାବିଲା କରାଯିବା ଜରୁରୀ। ଏହା ପରେ ଶିଳ୍ପ କ୍ଷେତ୍ର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବିଦ୍ୟୁତଚାଳିତ ବଏଲର ଓ ଫର୍ନେସ ପରି ସ୍ୱଚ୍ଛ ଇନ୍ଧନ ଓ ପ୍ରଯୁକ୍ତି ବ୍ୟବହାର କରିବା ଲାଗି ଏମଏସଏମଇଗୁଡ଼ିକୁ ଉତ୍ସାହିତ କରିବା ସହିତ କଠୋର ନିରୀକ୍ଷଣ ଜରିଆରେ ପ୍ରଦୂଷଣ ହ୍ରାସ କରାଯାଇପାରିବ। ବଡ଼ ଶିଳ୍ପ ଓ ଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କରେ କଡ଼ା ଉତ୍ସର୍ଜନ ମାନଦଣ୍ଡ କାର୍ଯ୍ୟକାରୀ କରିବା ଏକ ବେସାଲିସ ନୀତି ହେବା ଆବଶ୍ୟକ। ଏଭଳି ସ୍ତରରେ ଯାହା ଆବଶ୍ୟକ ତାହା ହେଲା ସରକାରଙ୍କ କଠୋର ପଦକ୍ଷେପ ଏବଂ ସେଭଳି ପଦକ୍ଷେପ ନେବାକୁ ଉତ୍ସାହ ପ୍ରଦାନ କଲା ଭଳି ତ୍ୟାଗ ସ୍ୱୀକାର କରିବାରେ ନାଗରିକମାନଙ୍କ ମାନସିକ ପ୍ରସ୍ତୁତି। ତାହାହେଲେ ଯାଇ ଭବିଷ୍ୟତ ପିଢ଼ି ଲାଗି ଅନ୍ତତଃ ଉଜ୍ଜ୍ୱଳ ସୁବର୍ଣ୍ଣ ସକାଳର ସମ୍ଭାବନା ସୃଷ୍ଟି ହୋଇପାରେ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ମୋ : ୯୬୫୮୧୦୫୫୩୨

# ଏକାତ୍ମା ସର୍ବଭୂତାନ୍ତରାତ୍ମା



**ଅନୀତା ପଟ୍ଟନାୟକ**

୨୩ ନଭେମ୍ବର ୧୯୨୬ ମସିହାରେ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ ନାମଗିରି ଆମ୍ମା (ଈଶ୍ୱରମ୍ମା) ଓ ପେଦା ଭେଙ୍କାମ୍ମାରାଜୁ ରତ୍ନାକରମଙ୍କ କୋଳମଣ୍ଡନ କରି ସତ୍ୟନାରାୟଣ ରାଜୁ ଜନ୍ମ ଗ୍ରହଣ କରିଥିଲେ। ସେ ଥିଲେ ଚତୁର୍ଥ ସନ୍ତାନ। ତାଙ୍କ ବଡ଼ଭାଇଙ୍କ ନାମ ଥିଲା ରତ୍ନାକରମଶେଷମ୍ମା ରାଜୁ। ବଡ଼ ଭଉଣୀଙ୍କ ନାମ ଭେଙ୍କାମା ଓ ପାର୍ବଥାମ୍ମା ଏବଂ ସାନ ଭାଇଙ୍କ ନାମ ଥିଲା ଜାନକୀରାମୟା।

ଏହି ବର୍ଷ ଜାନୁଆରୀ ୧୮, ୧୯୨୬ ମସିହାରେ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶାର ୫୦ ବର୍ଷ ପୂର୍ତ୍ତି ପାଳନ, ସତ୍ୟସାଇବାବାଙ୍କର ୧୦୦ ବର୍ଷ ପାଳନ ଓ ଦିବ୍ୟ ପାଦୁକା ଯାତ୍ରାର ଶେଷ ଦିନ ବାଲିଯାତ୍ରା ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ନଭେମ୍ବର ୨୩, ୧୯୨୫ରେ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିବସ ପାଳନ ଉପଲକ୍ଷେ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ, ସଚିନ ତେନ୍ଦୁଲକର, ଐଶ୍ୱର୍ଯ୍ୟାରାୟ ପ୍ରଭୃତି ଅନେକ ହସ୍ତୀ ପୁଟ୍ଟପର୍ତ୍ତି ଯାଇ ସତ୍ୟସାଇବାବାଙ୍କ ସମାଧିରେ ନିଜର ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଥିଲେ। ୧୦୦ତମ ଜନ୍ମ ଦିବସ ଉପଲକ୍ଷେ କୋଟି କୋଟି ଜନତା (ଭକ୍ତ ମାନଙ୍କୁ) ପ୍ରସାଦ ବଣ୍ଟନ କରାଯାଉଥିଲା। ଏହି ଉତ୍ସବକୁ ଯିଏ ଉପଭୋଗ କରିଛି ସେ ଜାଣିଚି। ସମସ୍ତଙ୍କ ପାଟିରେ ଗୋଟିଏ କଥା ଥିଲା 'ଏହା ଏକ ଅପୂର୍ବ ସମାଗମ ଥିଲା।' ସେହିପରି ୧୮ ଜାନୁଆରୀ ୧୯୨୬ ମସିହାରେ ବାଲିଯାତ୍ରା ପଡ଼ିଆ ଠାରେ ଏକ ଅପୂର୍ବ ସମାଗମ ହେବାକୁ ଯାଉଛି। ଯେଉଁଠାରେ କି ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ପ୍ରତ୍ୟେକ ସହରର ଲୋକ ଆସି ରଥାରୁଢ଼ ସତ୍ୟସାଇଙ୍କର ଦିବ୍ୟପାଦୁକାକୁ ପ୍ରଣାମ ଜଣାଇବାର ସୁଯୋଗ ପାଇବେ। ସତ୍ୟନାରାୟଣ ରାଜୁ, ଯେ ପରବର୍ତ୍ତୀ ସମୟରେ ସତ୍ୟସାଇ ବାବା ଭାବେ ପରିଚିତ ହେଲେ! ସେ ନିଜର ପରିଚୟ ନିଜେ ଦେଇ କହିଥିଲେ - 'ନା ଅହମ ମନୁଷ୍ୟ ନ ଚ ଦେବ, ଯକ୍ଷ। ନା ବ୍ରହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର। ନା ବ୍ରହ୍ମଚାରୀ, ନା ଗୃହୀ, ନା ବନସ୍ଥ। ଅହଂ ସତ୍ୟବୋଧକ, ସତ୍ୟଂ ଶିବମ୍, ସୁନ୍ଦରମ୍।'

ତେଣୁ ସେ ସବୁ ଭିତରେ ପୁରି ରହିଥିବା ସତ୍ୟ। ସତ୍ୟର ସଂଜ୍ଞାକୁ ବୁଝାଇବାକୁ ଯାଇ ସେ କହିଛନ୍ତି, 'ଯାହା ପୂର୍ବରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିବ।' ତେଣୁ ତାଙ୍କ ଜନ୍ମ ଦିବସ ଓ ତିରୋଧାନର ପାଳନ ଏକ ପ୍ରତୀକ ମାତ୍ର। କାରଣ ସେ ଜନ୍ମ ହେବା ପୂର୍ବରୁ ଥିଲେ ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ରହିବେ। ଭଗବାନ ଶ୍ରୀସତ୍ୟସାଇ ୨୦୧୦ ଏପ୍ରିଲ ୨୪ ତାରିଖ ଦିନ ଦେହତ୍ୟାଗ କରିଥିଲେ। ୧୯୪୪ ମସିହାରେ ଭକ୍ତମାନଙ୍କ ଦ୍ୱାରା ଏକ ମନ୍ଦିର ନିର୍ମାଣ କରାଯାଇଥିଲା ଯାହାକି ପୁରାତନ ମନ୍ଦିର ଭାବରେ ପରିଚିତ ଥିଲା। ୧୯୪୮ରେ ବର୍ତ୍ତମାନର ଆଶ୍ରମ ପ୍ରଶାନ୍ତିନିଳୟମ୍ ନିର୍ମାଣ ହୋଇଥିଲା। ୧୯୫୦ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ସେ ଚିକିତ୍ସା କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଯଥା ହୃଦରୋଗୀ ମାନଙ୍କ ସେବା ନିମନ୍ତେ ପୁଟ୍ଟପର୍ତ୍ତି ଓ ବାଙ୍ଗାଲୋର ଠାରେ ସୁପର ସ୍ପେଶାଲିଟ ହସ୍ପିଟାଲ ସ୍ଥାପନ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ନିମନ୍ତେ ଅନେକ ସ୍କୁଲ କଲେଜ ବିଶ୍ୱବିଦ୍ୟାଳୟ ସ୍ଥାପନ, ରୟାଲ ସୀମାରେ ଜଳଯୋଗାଣ ପ୍ରକଳ୍ପ ଇତ୍ୟାଦି ଇତ୍ୟାଦି।

ଭଗବାନ ସତ୍ୟସାଇ ବାବାଙ୍କର କେତେକ କଥା ପ୍ରଣୀଧାନଯୋଗ୍ୟ। ସେ ତାଙ୍କର ଆଶ୍ରିତ ମାନଙ୍କୁ କହିଥିଲେ 'ୱ' (Service) ସେବାକୁ ବୁଝାଏ। 'ଇ' (Adoration) ଭକ୍ତିକୁ ବୁଝାଏ। 'ଓ' (Illumation) ଜ୍ଞାନର ପ୍ରତୀକ। ଏହି ତିନଟି ହେଉଛନ୍ତି ଆଧ୍ୟାତ୍ମିକ ଜ୍ଞାନର ପ୍ରତୀକ। ସେ କହିଥିଲେ, 'ଜୀବ ଅନେକ, ନିଃଶ୍ୱାସ ଏକ। ବଲବ ଅନେକ ବିଜୁଳି ଶକ୍ତି ଏକ। ଗହଣା ଅନେକ, ସୁନା ଏକ। ଦେଶ ଅନେକ କିନ୍ତୁ ପୃଥିବୀ ଏକ'। ତେଣୁ ସେ କହିଥିଲେ 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର'। ଏକାତ୍ମା ସର୍ବଭୂତାନ୍ତରାତ୍ମା। ସେ କହୁଥିଲେ 'ମୋର ଜୀବନ ହିଁ ମୋର ବାର୍ତ୍ତା। କିନ୍ତୁ ପରବର୍ତ୍ତୀ ସମୟରେ କହିଥିଲେ ତୁମର ଜୀବନ ମୋର ବାର୍ତ୍ତା।' ତେଣୁ ଚାଲନ୍ତୁ ୧୮ ଜାନୁଆରୀ ୧୯୨୬ ଦିନ ବାଲିଯାତ୍ରା ପଡ଼ିଆରେ ରାଜ୍ୟ ସମ୍ମିଳନୀରେ ଏକତ୍ରିତ ହୋଇ ଭଗବାନ ସତ୍ୟସାଇ ବାବାଙ୍କୁ ପ୍ରଣାମ କରି ଜଣାଇ ଦେବା ଆମର ନିଃଶ୍ୱାସ ପ୍ରଶ୍ୱାସ ଏକ। ଏହି ପୃଥିବୀରେ ଆମେ ସବୁ ଏକ। ସମସ୍ତ ଲୋକା ସୁଖୀନଃ ଭବନ୍ତୁ।ଳ

+ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬




## ବିଶ୍ୱ ହେଉ ପ୍ରେମମୟ

**ପୀତାମ୍ବର ଦାସ**

ଅଜାଣତେ କେବେ ଯଦି
ଭୂଲ ହୋଇଯାଏ।
ସମାଧାନ ପାଇଁ ମନ
ବ୍ୟାକୁଳିତ ହୁଏ ॥

ବିଳମ୍ବିତ ହୁଏ ଯଦି
ତାହାର ସୁଧାର।
ନିଦ୍ରାଯାଇ ହଜି ରାତ୍ରେ
ଲାଗଇ ତପ୍ତର ॥

ଉଙ୍କିମାରେ ଡାକିବାକୁ
ଦେବାଦେବୀ ଗଣ।
ପାଇ ବାକୁ ସମାଧାନ
ରାସ୍ତାର କାରଣ ॥

ନିଜେ ଚେଷ୍ଟା କରୁ କରୁ
ହେଲେ ସମାଧାନ।
ଭାବୁ ଆମେ ସହାୟକ
ହେଲେ ଆତମନ୍ ॥

ତେଣୁ ଆମ ବିଶ୍ୱାସର
ଗାର ଯାଏ ଛୁଇଁ।
ପୂଜିବାକୁ ଦେବାଦେବୀ
ମନ ଯାଏ ଧାଇଁ ॥

ଯେଉଁ ଶକ୍ତି ଚେଷ୍ଟା ପାଇଁ
ପ୍ରେରଣା ଯେ ଦେଲା।
ସେଇ ଶକ୍ତି ପରମାତ୍ମା
ମନ ଭାବି ନେଲା।

କଳୁଷତା ଦୂର କରି
ଚିନ୍ତିଲେ ଉତ୍ତମ।
ବିଜୟର ଖୋଲେ ଦ୍ୱାର
ଆପ୍ରାଣେ ଉଦ୍ୟମ ॥

ସତ୍ୟର ବିବେକ ମାର୍ଗ
ସଦା ଗ୍ରହଣୀୟ।
ଏ ବିଶ୍ୱର ପ୍ରତିପ୍ରାଣ
ହେଉ ପ୍ରେମମୟ ॥

+ଭି.ଆ.ପି. କଲୋନୀ
ଗୋପାଳ ଗାଁ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧

## ନୂଆ ନୂଆ ଲାଗେ

**ହରେରାମ ପଣ୍ଡା**

ଭାରି ନୂଆ ନୂଆ ଲାଗେ
ନୂଆ ବର୍ଷଟା -
କାହିଁକି ନା ସେ ନୂଆ,
କେହି ଦେବଦୂତ ନା
ନୂଆ ଅତିଥି ସେ ?
ପରଶି ଦେବ କି
କିଛି ନୂଆ ବାର୍ତ୍ତା - ଅବା କିଛି
ନୂଆ ସମ୍ଭାବନାର ଖୋରାକ ?
ଆଣି ଦେବ କି ଆଖିରେ
କିଛି ନୂଆ ସ୍ୱପ୍ନ ?
ବୋଧେ ସେଥିପାଇଁ
ପୁରୁଣାକୁ ପଛରେ ଛାଡ଼ି
ନୂଆକୁ ଆଦରିବାକୁ ଚଞ୍ଚଳ ମନ -
ଭିଜା ଭିଜା ଭାବରେ ବିହ୍ୱଳ ।
ପୁରୁଣା ସ୍ମୃତି
ଆଉ ଅନୁଭୂତିକୁ ପୁଞ୍ଜି କରି
ମଣିଷ ଖୋଜୁଛି
କିଛି ନୂଆ - ଖାସ୍ ନୂଆ -
ଆଉ ସ୍ୱାଗତ କରୁଛି ନୂଆ ବର୍ଷକୁ -
ଖୋଜୁଛି ନୂଆ ସ୍ୱପ୍ନକୁ -
ନୂଆ ଭବିଷ୍ୟତକୁ ।

+କୁଆଁସ,
ମେରଦା କାଟିଆଛକ, ଯାଜପୁର
ମୋ:୯୪୩୮୦୬୫୧୯୫

## ସମାନାଧିକାର ନୀତି

**ଦେବାଶିଷ ଦେ**

ଜୀବନ ମାଗୁଛି ଶାନ୍ତି ଉପତ୍ୟକା, ନବ ଦିଗନ୍ତର ବିଭା,।
ମଣିଷ ରହୁଛି ଅବ ଚେତା ହୋଇ ଆତ୍ମ ପ୍ରବୃତ୍ତିରେ ବନ୍ଧା ।
ଚେତନ ମଣିଷ ଛଟ ପଟ ଏଠି, ଅବଚେତା ଅନ୍ଧ ଦେଶେ,
ସମାନାଧିକାର ଦାବୀ ରେ ଚେତନ, ବନ୍ଧ୍ୟା ହୋଇ ଥାଇ ବସେ।
ଅବଚେତା ଲାଠି ଚେତନକୁ ମାରି ଭୁଲ ଚୂଙ୍କ କହି ତାଡେ,
ଦୁଇ ଗୋଡିଆଙ୍କ ବେଶ ଭୂଷା ଏଠି ସମାନାଧିକାର ପାଇଁ ଲଢ଼େ।
ସମତା ଶକ୍ତି ଟି ଜ୍ଞାନ ବିଚାରରୁ କେବେଠୁ ଅଲଗା କରି,
ମାନବ ଜାତିକୁ 'ସମ-ଐଶ୍ୱର୍ଯ୍ୟ-ର-ପ୍ରାପତି' ଦେଇଛି ମାରି।
ଲଘୁ କହେ ଏଠି ମୁଁ ଗୁରୁର ସମ, ଅଧିକାର ମୁଁ ପାଇଛି,
ଗୁରୁ ବାଦ କିଛି ନଚଳେ ସମାଜେ, ଗୁରୁ ପଣିଆ ସେ ମାରୁଛି।
ଗୁରୁ ମଣ୍ଡଳ ତ ଲଘୁକୁ ବୁହଇ ଏତ ଚିରା ଚର ପ୍ରଥା,
ସମାନାଧିକାର ଭୟଙ୍କର ସ୍ରୋତ ବୋହୁଛି ଏଠି ଓଲଟା।
ଦୁଇ ଆଖି, କାନ, ଅବୟବେ ଯେବେ ସଭିଏଁ ମଣିଷ ଗଣା,
ଅବଚେତ ଜ୍ଞାନ ବାନ୍ଧି ପକେଇକି ମାରୁଛି ପ୍ରତିଭାକୁ ତାନା।
ଜ୍ଞାନ ଅଭାବ ତ ଚେତନାକୁ ମାରି ଭାବକୁ ଲାଭରେ ତଉଲେ,
ଜ୍ଞାନୀ ଚେତା ଜନ ସମତା-ପାହାଡ଼େ ଚାପିଚୁପି ହୋଇ ରହିଲେ।
ଜାତି ମାନବର ଗତିର ବିଚାର କିଏ ବା କରୁଛି ଏଠି,
ନିଜ ଗାଡ଼ି ବାଡ଼ି ଧନ ଦୌଲତେ ଯାଉଛନ୍ତି ଖାଲି ମାତି।
ମାନବ ଜାତିର ଗତି,
ଆଗ ଧାଡ଼ି ଲୋକେ ପଛକୁ ଚାହିଁକି
ପଛୁଆଙ୍କୁ ପଠାଇବା ନୀତି।
ଏତ ସମାନତା ଗତି,
ମଣିଷକୁ ଏଠି ଭଲ ପାଇବାର, ଅଯଥା ଚାଲିଛି ରୀତି।

# ଜାଣନ୍ତୁ ଘରେ କିପରି ପ୍ରାକୃତିକ ଉପାୟରେ ତିଆରି କରିବେ ଫେସ୍ ମାସ୍କ ....

ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ, ପ୍ରଦୂଷଣ ଏବଂ ଚାପ ଯୋଗୁଁ ଆମ ଚେହେରାର ପ୍ରାକୃତିକ ଚମକ ହଜିଯାଉଛି। କମ୍ ବୟସରେ ଚେହେରାରେ କୁଞ୍ଚନ ଏବଂ ଦାଗ ଦେଖାଦେଉଛି । ଅନେକ ଲୋକ ସୁନ୍ଦର ଦେଖାଯିବା ପାଇଁ ପାର୍ଲର ଯାଇ ମହଙ୍ଗା 'ବୋଟକ୍ସ' ଟ୍ରିଟମେଣ୍ଟ ବା ଫେସିଆଲ କରନ୍ତି, ଯେଉଁଥିରେ କେମିକାଲ୍ସ ବ୍ୟବହାର କରାଯାଏ । ଯାହାକି ଚେହେରା ପାଇଁ ସବୁ ସମୟରେ ଭଲ ହୋଇନଥାଏ ।

କିନ୍ତୁ ଆପଣ ଜାଣିଛନ୍ତି କି, ଆପଣ ଘରେ ବସି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'ଦେଶୀ ବୋଟକ୍ସ ମାସ୍କ' ପ୍ରସ୍ତୁତ କରିପାରିବେ ? ଏହା କେବଳ ଶସ୍ତା ନୁହେଁ, ବରଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ । ଏହାର ବ୍ୟବହାର ଦ୍ୱାରା ଆପଣ ଘରେ ସୁନ୍ଦର ଚେହେରା ପାଇବା ସହ କେମିକାଲ ଫ୍ରି ରଖିପାରିବେ ଆପଣଙ୍କ ଚେହେରାକୁ ..

ଏବେ ଜାଣନ୍ତୁ ସେହି ମାସ୍କ ବିଷୟରେ ଯାହା ଆପଣଙ୍କ ଚେହେରାକୁ ସୁନ୍ଦର , ଓ କେମିକାଲ ଫ୍ରି ରଖିପାରିବେ ...



୧. ମନ୍ଦାର ଫୁଲର 'ପ୍ରାକୃତିକ ବୋଟକ୍ସ' ମାସ୍କ

ମନ୍ଦାର ଫୁଲକୁ 'ବୋଟକ୍ସ ପ୍ଲାଣ୍ଟ' କୁହାଯାଏ। ଏଥିରେ ଏଭଳି ଗୁଣ ଅଛି ଯାହା ତ୍ୱଚାର ଇଲାଷ୍ଟିସିଟି ବଢାଇଥାଏ ଏବଂ ବୟସର ଚିହ୍ନକୁ ଦୂର କରିଥାଏ। ଏବେ ଜାଣନ୍ତୁ ବ୍ୟବହାର କରିବା ପାଇଁ ଆଶ୍ୟକ ସାମଗ୍ରୀ ...

ଆବଶ୍ୟକ ସାମଗ୍ରୀ:

♦ ୨-୩ଟି ନାଲି ମନ୍ଦାର ଫୁଲ (ତାଜା)

♦ ୨ ଚାମଚ ଦହି

♦ ୨ ଚାମଚ ମହୁ

ପ୍ରସ୍ତୁତି ପ୍ରଣାଳୀ:

ମନ୍ଦାର ଫୁଲର ପାଖୁଡ଼ା ଗୁଡ଼ିକୁ ଅଲଗା କରି ଭଲ ଭାବରେ ଧୋଇ ଦିଅନ୍ତୁ । ଏହାକୁ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟରେ ଦହି ଏବଂ ମହୁ ମିଶାଇ ଏକ ସ୍ମୁଥ୍ ମିଶ୍ରଣ ପ୍ରସ୍ତୁତ କରନ୍ତୁ ।

♦ କିପରି ଲଗାଇବେ:

ପ୍ରଥମେ ଚେହେରାକୁ ଭଲ ଭାବରେ ସଫା କରି ଦିଅନ୍ତୁ । ଏହି ମାସ୍କକୁ ଚେହେରା ଏବଂ ବେକରେ ଲଗାନ୍ତୁ । ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାକୁ ବ୍ୟବହାର କଲେ ଚେହେରାରେ ଆଶ୍ଚର୍ଯ୍ୟଜନକ ଚମକ ଆସିବ ।

୨. ଅଳସୀ ମଞ୍ଜି ବୋଟକ୍ସ ଜେଲ୍

ଅଳସୀ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ରହିଥାଏ, ଯାହା ତ୍ୱଚାକୁ ଟାଣ କରିବାରେ ସାହାଯ୍ୟ କରେ।

♦ ଆବଶ୍ୟକ ସାମଗ୍ରୀ:

♦ ୨ ଚାମଚ ଅଳସୀ ମଞ୍ଜି

♦ ୧ କପ୍ ପାଣି

♦ ପ୍ରସ୍ତୁତି ପ୍ରଣାଳୀ:

ଏକ ପାତ୍ରରେ ପାଣି ଏବଂ ଅଳସୀ ମଞ୍ଜିକୁ ମିଶାଇ ଧୀମା ଆଞ୍ଚରେ ଫୁଟାନ୍ତୁ। ଯେତେବେଳେ ପାଣି ଗାଢ଼ ହୋଇ ଜେଲ୍ ପରି ହୋଇଯିବ, ସେତେବେଳେ ଏହାକୁ ଛାଣି ଦିଅନ୍ତୁ। ଏହି ଜେଲ୍‌କୁ ଥଣ୍ଡା ହେବାକୁ ଦିଅନ୍ତୁ।

କିପରି ଲଗାଇବେ:

ଏହି ପ୍ରାକୃତିକ ଜେଲ୍‌କୁ ଚେହେରାରେ ଲଗାଇ ଉପର ଦିଗକୁ ମାଲିସ୍ କରନ୍ତୁ। ଏହାକୁ ୩୦ ମିନିଟ୍ ପାଇଁ ଛାଡି ଦିଅନ୍ତୁ। ପରେ ସାଧାରଣ ପାଣିରେ ଧୋଇ ଦିଅନ୍ତୁ। ଏହା ପ୍ରାକୃତିକ ଭାବେ ଚେହେରାର କୁଞ୍ଚନ ଦୂର କରି ତ୍ୱଚାକୁ ଯୁବକ ଦେଖାଯିବାରେ ସାହାଯ୍ୟ କରେ।

ଏହି ପ୍ରାକୃତିକ ମାସ୍କର ଫାଇଦା:

୧. କୁଞ୍ଚନ ଦୂର କରେ: ଏହି ମାସ୍କଗୁଡ଼ିକ ତ୍ୱଚାରେ କୋଲାଜେନ୍ ବୃଦ୍ଧି କରେ, ଯାହା ଦ୍ୱାରା ଚେହେରାର ଗାର ଏବଂ କୁଞ୍ଚନ କମିଯାଏ।

୨. ପ୍ରାକୃତିକ ଚମକ: ଏହା ଚେହେରାରୁ ମୃତ କୋଷ ବାହାର କରି ପ୍ରାକୃତିକ ଭାବେ ଗୋରା ଏବଂ ଉଜ୍ଜ୍ୱଳ କରେ।

୩. ଆଣ୍ଟି-ଏଜିଙ୍ଗ୍: ନିୟମିତ ବ୍ୟବହାର ଦ୍ୱାରା ବୟସ ବଢ଼ିଲେ ମଧ୍ୟ ଚେହେରା ସତେଜ ଏବଂ ଯୁବକ ଦେଖାଯାଏ।

୪. ମଶ୍ଚରାଇଜିଂ: ଦହି ଏବଂ ମହୁ ତ୍ୱଚାକୁ ଭିତରୁ ହାଇଡ୍ରେଟ୍ ରଖିଥାଏ, ଯାହା ଦ୍ୱାରା ଚେହେରା ଶୁଷ୍କ ହୁଏ ନାହିଁ।

କିଛି ସାଧାରଣ ସତର୍କତା:

♦ ମାସ୍କ ଲଗାଇବା ପୂର୍ବରୁ ସର୍ବଦା 'ପ୍ୟାଚ୍ ଟେଷ୍ଟ' କରନ୍ତୁ (କାନ ପଛରେ କିମ୍ବା ହାତରେ ଅଳ୍ପ ଲଗାଇ ଦେଖନ୍ତୁ ଯେ କୌଣସି କୁଣ୍ଡେଇ ହେଉଛି କି ନାହିଁ)।

♦ ଏହି ପ୍ରାକୃତିକ ଉପଚାରଗୁଡିକର ଫଳାଫଳ ପାଇବା ପାଇଁ ଧୈର୍ଯ୍ୟ ରଖନ୍ତୁ ଏବଂ ନିୟମିତ ବ୍ୟବହାର କରନ୍ତୁ।




ଶୀତରେ ପୋଷାକ ଅଧିକ ମଇଳା ହୋଇଥାଏ । ସଫା ବି କରିବାକୁ ପଡ଼େ । କିନ୍ତୁ ଶୁଖାଇବା ଭାରି କଷ୍ଟ । ଥଣ୍ଡା ପବନ , କମ୍ ଖରା, ବାୟୁମଣ୍ଡଳରେ ଆର୍ଦତା ଏସବୁ କାରଣରୁ ଶୀଘ୍ର କପଡ଼ା ଶୁଖେନି । ଭଲଭାବେ ଶୁଖିବାକୁ ୨ /୩ ଦିନ ବି ଲାଗିଯାଏ । ଫଳରେ ସେଥିରୁ ଅଲଗା ପ୍ରକାର ଦୁର୍ଗନ୍ଧ ବି ବାହାରେ । ପିନ୍ଧିବାକୁ ସନ୍ତସନ୍ତିଆ ଲାଗେ । ବିଶେଷ କରି ଛୋଟ ପିଲାଙ୍କ ସ୍କୁଲ, କି ବଡ଼ଙ୍କ ଅଫିସ ପୋଷାକ ଚିନ୍ତାରେ ପକାଏ । ଅନେକ ସମୟରେ ଆମେ ଆଇରନ୍ କରି ପୋଷାକ ପିନ୍ଧିବାକୁ ବାଧ ହେଉ । କିନ୍ତୁ କିଛି ଟ୍ରିକ୍ସ ଅଛି ଯାହାଦ୍ୱାରା ପୋଷାକକୁ ସାମାନ୍ୟ ଭାବେ ଶୁଖାଇହେବ । ଟିକେ ବୁଦ୍ଧି ଖଟାଇଲେ , କିଛି ଘରୋଇ ଓ ସହଜ ଉପାୟରେ ପୋଷାକକୁ ଶୁଖାଇହେବ । ଏଥିପାଇଁ ନା ବେଶୀ ପରିଶ୍ରମ ଦରକାର ନା ମହଙ୍ଗା ଜିନିଷ ଦରକାର । କପଡ଼ା ଧୋଇବା ପରେ ସେଗୁଡ଼ିକୁ ସର୍ବାଧିକ ସ୍ପିନ୍ ଗତିରେ ୱାସିଂମେସିନକୁ ଚଳାନ୍ତୁ । ଏହା ପୋଷାକରୁ ଅଧିକାଂଶ ପାଣି ବାହାର କରିଦିଏ । ଏବଂ ଏହାଦ୍ୱାରା ଶୁଖିବାକୁ ଅଧା ସମୟ ଲାଗେ । କପଡ଼ା ଶୁଖାଇବାକୁ ପବନ ନିହାତି ଦରକାର । କପଡ଼ାକୁ ଫ୍ୟାନ୍ , ହିଟର, ଝରକା, କିମ୍ବା ସାମାନ୍ୟ ପବନ ଆସୁଥିବା ଯେକୌଣସି ସ୍ଥାନରେ ରଖନ୍ତୁ । ହାଲକା ପବନ ହେଉପଛେ କପଡ଼ାରେ ବାଜିଲେ କପଡ଼ା ଶୀଘ୍ର ଶୁଖେ । ବହଳ କପଡ଼ା ଯେମିତିକି ଜ୍ୟାକେଟ୍, ଜିନ୍ସ, କିମ୍ବା ସ୍ୱେଟର ଭଳି ପୋଷାକ ସଫା କରିବା ପରେ ଏକ ଶୁଖିଲା ଟାୱେଲ ବିଛାଇ ଏଡା ଉପରେ ଏସବୁ ପୋଷାକକୁ ରଖି ଭଲଭାବେ ଚିପୁଡ଼ିଦିଅନ୍ତୁ । ଏପରି କରିବା ଦ୍ୱାରା ଭାରି ପୋଷାକରୁ ଭଲଭାବେ ପାଣି ଛାଡ଼ିଯାଏ , ଏବଂ ଶୁଖିବାରେ ସୁବିଧା ହୁଏ । ପୋଷାକ ଶୁଖାଇବା ବେଳେ ଛାଡ଼ିଛାଡ଼ି ଶୁଖାନ୍ତୁ । ଫଳରେ କପଡ଼ା ଶୀଘ୍ର ଶୁଖିଯିବ । ପୋଷାକକୁ ସଫା କରିବା ପରେ ଏହାକୁ ଓଲଟା ଶୁଖାନ୍ତୁ । ଏହାଦ୍ୱାରା ପୋଷାକରୁ ଦୁର୍ଗନ୍ଧ କଟିଯିବ । ପୋଷାକକୁ ସବୁବେଳେ ହ୍ୟାଙ୍ଗରରେ ଟାଙ୍ଗନ୍ତୁ । ଏପରି କରିବା ଦ୍ୱାରା ପୁରା କପଡ଼ାରେ ପବନ ବାଜେ । ଶୀଘ୍ର ବି ଶୁଖିଯାଏ । ଯଦି ଘର ଭିତରେ କପଡ଼ା ଶୁଖାଇବାକୁ ପଡୁଛି ତାହେଲେ ରୁମ୍ ହିଟର ବା ଫ୍ୟାନ୍ ପାଖରେ ଶୁଖାନ୍ତୁ । ଆଉ ଯଦି ବାଥରୁମରେ କପଡ଼ା ଶୁଖାଇବାକୁ ପଡୁଛି ତାହେଲେ ଏକଜଷ୍ଟ ଫ୍ୟାନ୍ ନିଶ୍ଚୟ ଲଗାନ୍ତୁ ଏହାଦ୍ୱାର ପୋଷାକ ଶୀଘ୍ର ଶୁଖିବା ବାଥରୁମର ଦୁର୍ଗନ୍ଧ କଟିଯାଏ । ଶୀତରେ ବାୟୁମଣ୍ଡଳରେ ଆର୍ଦତା ଥାଏ । କିନ୍ତୁ ଯଦି ଆପଣଙ୍କ ପାଖରେ ଡି ହ୍ୟୁମିଡି ଫାୟାର ଥାଏ ତେବେ ଏହାକୁ ବ୍ୟବହାର କରନ୍ତୁ । ଏହା ପୋଷାକରୁ ଆର୍ଦତା ଟାଣିନିଏ । କପଡ଼ା ଶୀଘ୍ର ଶୁଖିଯାଏ । ଯଦି କପଡ଼ାକୁ ହାଲକା ଖରାରେ ଶୁଖାଇଛନ୍ତି ତାହେଲେ ୨/୩ ଘଣ୍ଟା ଅନ୍ତରରେ ଏହାକୁ ଓଲଟାପାଲଟା କରନ୍ତୁ । ଶୀଘ୍ର ଶୁଖିଯିବ ।

# ଶୀତଦିନେ ରୁଟି ଟାଣ ହେଇଯାଉଛି କି ? ଏହି ୪ଟି ପ୍ରଭାବଶାଳୀ ଉପାୟ ବିଷୟରେ ଜାଣନ୍ତୁ, ରୁଟି ରହିବ ନରମ

ଶୀତଦିନେ ପାଣିପାଗରେ ଆର୍ଦ୍ରତା କମ୍ ଥିବାରୁ ଏବଂ ଥଣ୍ଡା ଯୋଗୁଁ ରୁଟି ତିଆରି କରିବାର କିଛି ସମୟ ପରେ ତାହା ଟାଣ ବା ଶୁଖିଲା ହୋଇଯାଏ। ଟାଣ ରୁଟି ଖାଇବାକୁ ସ୍ୱାଦିଷ୍ଟ ଲାଗେନାହିଁ ଏବଂ ଏହା ହଜମ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି କରେ। ଯଦି ଆପଣ ଚାହୁଁଛନ୍ତି ଯେ ଆପଣଙ୍କ ରୁଟି ଘଣ୍ଟା ଘଣ୍ଟା ଧରି ତୁଳା ପରି ନରମ ରହୁ, ତେବେ ଏହି ୪ଟି ସହଜ ଘରୋଇ ଉପାୟ ଆପଣାନ୍ତୁ ।

*ଉଷୁମ ପାଣି କିମ୍ବା କ୍ଷୀରରେ ଅଟା ଚକଟନ୍ତୁ*

ଶୀତଦିନେ ଅଟା ଚକଟିବା ପାଇଁ କେବେବି ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ। ଥଣ୍ଡା ପାଣିରେ ଅଟା ଚକଟିଲେ ସେଥିରେ ଥିବା ଗ୍ଲୁଟେନ୍ ଟାଣ ହୋଇଯାଏ, ଯାହାଫଳରେ ରୁଟି ଶୀଘ୍ର ଶୁଖିଯାଏ। କ'ଣ କରିବେ: ଅଟା ଚକଟିବା ପାଇଁ ହାଲୁକା ଉଷୁମ ପାଣି ବ୍ୟବହାର କରନ୍ତୁ। ଯଦି ଆପଣ ରୁଟିକୁ ଅଧିକ ନରମ କରିବାକୁ ଚାହୁଁଛନ୍ତି, ତେବେ ପାଣି ବଦଳରେ ଉଷୁମ କ୍ଷୀର କିମ୍ବା ଅଧା କ୍ଷୀର ଓ ଅଧା ପାଣି ମିଶାଇ ଅଟା ଚକଟନ୍ତୁ। କ୍ଷୀରରେ ଥିବା ଫ୍ୟାଟ୍ ରୁଟିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନରମ ରଖିବାରେ ସାହାଯ୍ୟ କରେ ।



*ଅଟାରେ ତେଲ, ଘିଅ ବା ସରର ପ୍ରୟୋଗ*

ଅଟା ଚକଟିବା ସମୟରେ ସେଥିରେ ଅଳ୍ପ ପରିମାଣର ସ୍ନେହସାର (ରବଣ୍ଡ) ମିଶାଇବା ଦ୍ୱାରା ରୁଟିର ନରମପଣ ବଜାୟ ରହେ। କ'ଣ କରିବେ: ଅଟା ଚକଟିବା ପୂର୍ବରୁ ସେଥିରେ ଏକ ଚାମଚ ଶୁଦ୍ଧ ଘିଅ କିମ୍ବା ରିଫାଇନ୍ ତେଲ ମିଶାନ୍ତୁ। ଏହା ବ୍ୟତୀତ ଆପଣ ଘରେ ଥିବା ସତେଜ କ୍ଷୀର ସର ମଧ୍ୟ ମିଶାଇ ପାରିବେ। ଏହା ଅଟା ଭିତରେ ମଶ୍ଚରାଇଜର ଭଳି କାମ କରେ, ଯାହାଫଳରେ ଗରମ ସେକିବା ପରେ ମଧ୍ୟ ରୁଟି ଭିତରୁ ଶୁଖିଯାଏ ନାହିଁ।

*ଅଟା ଚକଟିବା ପରେ କିଛି ସମୟ ରଖିବା*

ଅଧିକାଂଶ ଲୋକ ଅଟା ଚକଟିବା ମାତ୍ରେ ତୁରନ୍ତ ରୁଟି ପ୍ରସ୍ତୁତ କରିଦିଅନ୍ତି । ଏହାଦ୍ୱାରା ରୁଟି ଭଲ ଭାବରେ ଫୁଲେ ନାହିଁ ଏବଂ ଶୀଘ୍ର ଟାଣ ହୋଇଯାଏ। କ'ଣ କରିବେ: ଅଟା ଚକଟି ସାରିବା ପରେ ଏହାକୁ ଏକ ଓଦା ସୁତି କପଡ଼ା କିମ୍ବା ଢାଙ୍କୁଣୀ ଦେଇ ଅତିକମରେ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ରଖିଦିଅନ୍ତୁ। ଏହି ସମୟ ମଧ୍ୟରେ ଅଟାରେ ଥିବା ପାଣି ଅଂଶ ଭଲଭାବେ ମିଶିଯାଏ ଏବଂ ଅଟା ସେଟ୍ ହୋଇଯାଏ। ଏହାପରେ ରୁଟି ବେଲିଲେ ତାହା ଫୁଲକା ହୁଏ ଏବଂ ଖାଇବାକୁ ବହୁତ ନରମ ଲାଗେ ।

*ସଠିକ୍ ଭାବରେ ସାଇତି ରଖିବା*

ରୁଟି ପ୍ରସ୍ତୁତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାକୁ ସଠିକ୍ ଭାବରେ ରଖିବା ମଧ୍ୟ ସେତିକି ଜରୁରୀ। ଶୀତଦିନେ ଖୋଲା ରଖିଲେ ରୁଟି ତୁରନ୍ତ ପବନ ବାଜି ଟାଣ ହୋଇଯାଏ। କ'ଣ କରିବେ: ରୁଟି ପ୍ରସ୍ତୁତ ହେବା ପରେ ତାକୁ ସିଧାସଳଖ ଷ୍ଟିଲ୍ ଟିଫିନ୍ କିମ୍ବା କ୍ୟାସରୋଲ୍‌ରେ ରଖନ୍ତୁ ନାହିଁ। ପ୍ରଥମେ ଏକ ନରମ ସୁତି କପଡ଼ା ବା ରୁମାଲ୍ ବିଛାନ୍ତୁ ଏବଂ ସେଥିରେ ରୁଟି ଗୁଡ଼ାଇ ରଖନ୍ତୁ। ରୁଟି ଉପରେ ହାଲୁକା ଘିଅ ଲଗାଇ ରଖିଲେ ତାହା ପରସ୍ପର ସହ ଲାଗେ ନାହିଁ ଏବଂ ବହୁ ସମୟ ଯାଏଁ ତାଜା ରହେ। ଯଦି ଆପଣ ରୁଟିକୁ ଦୀର୍ଘ ସମୟ ପାଇଁ ରଖିବାକୁ ଚାହୁଁଛନ୍ତି, ତେବେ କ୍ୟାସରୋଲ୍ ଭିତରେ ଏକ ଅଦା ଖଣ୍ଡ ବା ଅଳ୍ପ ଲୁଣ ରଖିଲେ ମଧ୍ୟ ରୁଟିର ନରମପଣ ବଜାୟ ରହିଥାଏ ।

ଡାଳିମ୍ବକୁ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ବୋଲି କୁହାଯାଏ। ଏଥିରେ ଭିଟାମିନ୍-ସି, କେ, ଫାଇବର ଏବଂ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ । ସାଧାରଣତଃ ଶରୀରରେ ରକ୍ତର ଅଭାବ ଦୂର କରିବା ପାଇଁ ଡାକ୍ତରମାନେ ଡାଳିମ୍ବ ଖାଇବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି, କିଛି ଲୋକଙ୍କ ପାଇଁ ଏହି ଉପକାରୀ ଫଳଟି ମଧ୍ୟ ବିପଦଜନକ ହୋଇପାରେ ? ହଁ, ଯଦି ଆପଣ କିଛି ନିର୍ଦ୍ଦିଷ୍ଟ ଶାରୀରିକ ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ଡାଳିମ୍ବ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ଆସନ୍ତୁ ଜାଣିବା କେଉଁମାନେ ଡାଳିମ୍ବ ଖାଇବା ଉଚିତ୍ ନୁହେଁ ।




ଯେଉଁମାନେ ଅସ୍ତ୍ରୋପଚାର କରିବାକୁ ଯାଉଥିଲେ: ଡାଳିମ୍ବ ଖାଇବା ପୂର୍ବରୁ ସତର୍କ ରହିବା ଉଚିତ । ଡାକ୍ତରମାନେ କୁହନ୍ତି ଯେ ଡାଳିମ୍ବ କିଛି ଔଷଧ ଏବଂ ଆନାସ୍ଥେସିଆରେ ପ୍ରଭାବ ପକାଇପାରେ । ଅର୍ଥାତ ରିଆକ୍ସନ କରିପାରେ । ଏଥିସହିତ ଏହା ରକ୍ତ ଜମାଟ ବାନ୍ଧିବା ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଏହା ଅସ୍ତ୍ରୋପଚାର ସମୟରେ ଅତ୍ୟଧିକ ରକ୍ତସ୍ରାବ ହେବାର ଆଶଙ୍କା ବଢ଼ାଇପାରେ। ତେଣୁ, ଅଧିକାଂଶ ଡାକ୍ତର ଅସ୍ତ୍ରୋପଚାରର ଅତି କମରେ ଦୁଇ ସପ୍ତାହ ପୂର୍ବରୁ ଡାଳିମ୍ବ ଖାଇବାକୁ ଏଡ଼ାଇବାକୁ ପରାମର୍ଶ ଦିଅନ୍ତି ।

ନିମ୍ନ ରକ୍ତଚାପ ରୋଗୀ : ଡାଳିମ୍ବର ପ୍ରକୃତି ହେଉଛି ଏହା ରକ୍ତଚାପକୁ କମାଇବାରେ ସାହାଯ୍ୟ କରେ। ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥାଏ, ସେମାନଙ୍କ ପାଇଁ ଏହା ଭଲ। କିନ୍ତୁ ଯେଉଁମାନେ ଆଗରୁ 'ଲୋ-ବ୍ଲଡ୍ ପ୍ରେସର' ସମସ୍ୟାରେ ଅଛନ୍ତି କିମ୍ବା ରକ୍ତଚାପ କମାଇବା ପାଇଁ ଔଷଧ ଖାଉଛନ୍ତି, ସେମାନେ ଡାଳିମ୍ବ ଖାଇବା ଅନୁଚିତ୍। ଏହାଦ୍ୱାରା ରକ୍ତଚାପ ଅଧିକ କମିଯାଇ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳତା ଦେଖାଦେଇପାରେ।

କାଶ ଏବଂ ଥଣ୍ଡା ସମସ୍ୟା : ଡାଳିମ୍ବର ପ୍ରଭାବ ଥଣ୍ଡା ହୋଇଥାଏ। ଯଦି ଆପଣ କାଶ, କଫ କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପୀଡ଼ିତ, ତେବେ ଡାଳିମ୍ବ ଖାଇବା ଦ୍ୱାରା ସଂକ୍ରମଣ ବଢ଼ିଯାଇପାରେ। ବିଶେଷ କରି ଶୀତଦିନେ କିମ୍ବା ରାତି ସମୟରେ ଡାଳିମ୍ବ ଖାଇଲେ ଗଳା ବସିଯିବା ବା କାଶ ବଢ଼ିବାର ଭୟ ଥାଏ।

ଆଲର୍ଜି ସମସ୍ୟା : ଅନେକ ଲୋକଙ୍କୁ ଡାଳିମ୍ବ ଖାଇବା ଦ୍ୱାରା ଆଲର୍ଜି ହୋଇଥାଏ। ଯଦି ଡାଳିମ୍ବ ଖାଇବା ପରେ ଆପଣଙ୍କ ଶରୀରରେ କୁଣ୍ଡେଇ ହେବା, ଲାଲ୍ ଦାଗ ପଡ଼ିବା, ଫୁଲିଯିବା କିମ୍ବା ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହେଉଛି, ତେବେ ତୁରନ୍ତ ଏହାକୁ ଖାଇବା ବନ୍ଦ କରନ୍ତୁ।

ପେଟ ସମସ୍ୟା ଏବଂ ଗ୍ୟାସ୍: ଯଦିଓ ଡାଳିମ୍ବରେ ଫାଇବର ଥାଏ, କିନ୍ତୁ କିଛି ଲୋକଙ୍କ ପାଇଁ ଏହା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି କରେ। ଯେଉଁମାନଙ୍କର ପେଟ ସଫା ହୁଏ ନାହିଁ କିମ୍ବା ଅତିରିକ୍ତ ଏସିଡିଟି ସମସ୍ୟା ରହିଛି, ସେମାନେ ଅଧିକ ପରିମାଣରେ ଡାଳିମ୍ବ ଖାଇଲେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ବଢ଼ିପାରେ। ଏହାର ମଞ୍ଜି ଗୁଡ଼ିକ କିଛି ଲୋକଙ୍କ ପେଟରେ ଯନ୍ତ୍ରଣା ମଧ୍ୟ ସୃଷ୍ଟି କରିଥାଏ।

ଔଷଧ ସେବନ କରୁଥିବା ବ୍ୟକ୍ତି: ଯଦି ଆପଣ କୌଣସି ଗୁରୁତର ରୋଗ ପାଇଁ ନିୟମିତ ଔଷଧ ଖାଉଛନ୍ତି, ତେବେ ଡାଳିମ୍ବ ଖାଇବା ପୂର୍ବରୁ ସାବଧାନ ରୁହନ୍ତୁ। ବିଶେଷ କରି କୋଲେଷ୍ଟ୍ରଲ କମାଇବା ପାଇଁ ବ୍ୟବହୃତ ଔଷଧ କିମ୍ବା ରକ୍ତ ପତଳା କରିବା ଔଷଧ ସହିତ ଡାଳିମ୍ବର ପ୍ରତିକ୍ରିୟା ହୋଇପାରେ, ଯାହା ଶରୀର ପାଇଁ ବିପଦଜନକ ।

ମଧୁମେହ ରୋଗୀ : ଡାଳିମ୍ବରେ ପ୍ରାକୃତିକ ଶର୍କରା ଥାଏ । ଯଦିଓ ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍, ତଥାପି ଡାଇବେଟିସ୍ ରୋଗୀମାନେ ଅଧିକ ପରିମାଣରେ ଡାଳିମ୍ବ ଜୁସ୍ ପିଇବା ଉଚିତ୍ ନୁହେଁ। ଜୁସ୍ ଅପେକ୍ଷା କମ୍ ପରିମାଣରେ ଡାଳିମ୍ବ ଦାନା ଖାଇବା ସୁରକ୍ଷିତ, କିନ୍ତୁ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରି ହିଁ ଏହାକୁ ସେବନ କରିବା ଉଚିତ୍।

କୌଣସି ବି ଜିନିଷ ଅଧିକ ପରିମାଣରେ ଖାଇବା କ୍ଷତିକାରକ। ଡାଳିମ୍ବ ଏକ ଅତି ଉତ୍ତମ ଫଳ, କିନ୍ତୁ ଆପଣଙ୍କ ଶରୀରର ଅବସ୍ଥାକୁ ଦେଖି ଏହାକୁ ଖାଆନ୍ତୁ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୫ ଜାନୁଆରୀ ସୋମବାର, ୨୦୨୬

# ଦୃଢ ସଂକଳ୍ପ

ପଦ୍ମାଳୟା ସାମଲ



ଓଟି ଭିତରୁ ବାହାରି ଗୋଟେ କପ୍ କଫି ପାଇଁ ବରାଦ ଦେଇ ଝରକା ଖୋଲି ବସି ପଡିଲେ ଡାକ୍ତର ଆରତୀ ମହାପାତ୍ର। ମାତ୍ର ବାହାରକୁ ଚାହିଁଲା ବେଳକୁ ସେ ସ୍ତ୍ରୀଲୋକଟିର କାତର ଚାହାଁଣି ଶୁଖିଲା ମୁହଁ ଦିଶି ଯାଉଥିଲା । ଆଜି ବି ସେ ବହୁ ଚେଷ୍ଟା କରି ବଞ୍ଚେଇଦେଲେ ଜଣେ ଗର୍ଭବତୀ ମହିଳାଙ୍କୁ । ଛୁଆଟାର ନାଭିନାଡ଼ ବେକରେ ଗୁଡେଇ ହୋଇ ରହିଥିଲା। ଯା ହେଉ ପିଲାଟା ବି ବଞ୍ଚିଗଲା। ଏମିତି ସଂଗୀନ୍ ଅବସ୍ଥାରେ ଥିବା ଗର୍ଭବତୀ ମହିଳାଙ୍କୁ ବଞ୍ଚେଇ ଦେଲେ ନିଜକୁ ଆତ୍ମସନ୍ତୋଷ ମିଳେ। ହାତରେ କଫି କପ୍ ଧରି ଅନ୍ୟମନସ୍କ ହୋଇ ପଡିଲେ ଆରତୀ ।

ପିଲାଦିନର କଥା ମନେପଡ଼ିଗଲା ତାଙ୍କର। ଆରତୀକୁ ଯେତେବେଳେ ଦଶ ବର୍ଷ ବୟସ ବୋଉ ତା'ର ଗର୍ଭବତୀ ହେଲେ । ସେ ବୟସରେ ଦୁନିଆ ଯାକର ପ୍ରଶ୍ନ ପଚାରି ଚାଲିଲା ବୋଉକୁ । ବୋଉଠାରୁ ସଠିକ ଉତ୍ତର ନ ପାଇଲେ ଜେଜେମାକୁ ପଚାରି ବୁଝେ । ବେଳେବେଳେ ଜେଜେମା ଚିଡି ଉଠି କୁହେ,'ତୁ ଏତିକି କେବଳ ଜାଣିଥା ଆଉ କେତେ ଦିନ ଗଲେ ତୋର କୁନିଭାଇଟିଏ ହେବ ।' କୁନିଭାଇ କଥା ଶୁଣି ଆରତୀ ଖୁବ ଖୁସି ହୋଇଯାଏ । ବୋଉ ପାଖକୁ ଦୌଡ଼ି ଯାଇ କେତେ ଗେହ୍ଲା ହୁଏ ଆଉ ବୋଉକୁ ପଚାରି ବୁଝେ କେବେ କୁନିଭାଇ ଆସିବ, କୁନିଭାଇ ଆସିଲେ ସେ ବୋଉ ପାଖରେ ଗୋଡ଼ହାତ ନଦି ଶୋଇ ପାରିବ କି ନାହିଁ । ବୋଉ କୁହେ,'ଦିହେଁ ଯାକ ମୋ ପାଖରେ ଶୋଇବ, ଗପ ଶୁଣିବ । ତା ପରେ ଯାଇ ସେ ଚିନ୍ତାମୁକ୍ତ ହୁଏ ।

ଷଷ୍ଠଶ୍ରେଣୀରେ ପଢୁଥାଏ ଆରତୀ । ବୟସ ମାତ୍ର ଦଶବର୍ଷ । ଏକ ଅଭିଜାତ୍ୟ ପରିବାର ତାଙ୍କର । ଘରେ କେବଳ ତା ବାପା ଶାନ୍ତନୁ, ବୋଉ ସୁରେଖା, ଜେଜେମା ଲକ୍ଷ୍ମୀ ଆଉ ସିଏ ରୁହନ୍ତି । ଜେଜେବାପା ସେତେବେଳକୁ ସ୍ୱର୍ଗତଃ । ବାପା ବି. ଏ. ପାସ୍ ପରେ ଗାଁ ସ୍କୁଲରେ ଶିକ୍ଷକ। ଶିକ୍ଷକତା ସହିତ ଗାଁରେ ଥିବା ଅଚଳାଚଳ ସମ୍ପତ୍ତିର ରକ୍ଷଣାବେକ୍ଷଣ ସବୁ ବାପା ଆଉ ଜେଜେମା ମିଶି ବୁଝୁଥିଲେ । ବାପା ଥିଲେ ଜେଜେମାଙ୍କ ଏକମାତ୍ର ସନ୍ତାନ । ଆଗକୁ ପଛକୁ ଆଉ କେହି ନାହାନ୍ତି। ଏ ବଂଶକୁ ରକ୍ଷା କରିବ କିଏ ? ଜେଜେମାର ସୁପ୍ତ ମନରେ ସବୁବେଳେ ସେଇ ଚିନ୍ତା । ତେଣୁ ଏ ବଂଶକୁ ଆଗକୁ ବଢ଼ାଇବାକୁ ତାର ନାତିଟିଏ ନିହାତି ଦରକାର। ଜେଜେମା ଯେତେବେଳେ ଜାଣିଲା ବୋଉ ଗର୍ଭବତୀ ବୋଲି ତାର ମନ ଖୁବ୍ ଖୁସି । ସେଥିପାଇଁ ଏବେ ଯାଉଣୁ ଅସୁଣୁ ବୋଉକଥା ବୁଝେ । ବୋଉର ଖାଇବା ପିଇବା ଉପରେ ଦୃଷ୍ଟି ରଖେ । ମାତ୍ର କଣ ହେଉଥାଏ କେଜାଣି ବୋଉର ସ୍ୱାସ୍ଥ୍ୟ ଧୀରେ ଧୀରେ ଖରାପ ହେବାକୁ ଲାଗେ । ଏତେବଡ ପେଟ,ସେଥିରେ ଘରର ଏତେ କାମ । ବୋଉ ଦିନକୁ ଦିନ ଦୁର୍ବଳିଆ ଦିଶୁଥାଏ।

ଆରତୀ ବୋଉର ଏ ଅବସ୍ଥା ଦେଖି ବେଳେବେଳେ ଖୁବ ପ୍ରତିକ୍ରିୟାଶୀଳ ହୋଇପଡେ। ବୋଉ ତାକୁ ବୁଝେଇଦେଇ କହେ ଏ ଘରକାମ ସବୁ ମୁଁ ନକଲେ ଆଉ କିଏ କରିବ। ମୁଁ ପରା ଏ ଘରର ବୋହୂ । ଜେଜେମା ବୁଢ଼ୀ ହୋଇଗଲେଣି, ସିଏ କଣ ଆଉ ଘରକାମ କରିପାରିବେ ? ଆରତୀ ବୁଝିଯାଏ। ଏବେ କୁଆଡେ ବୋଉର ନଅ ମାସ ଚାଲିଲାଣି । କୋଉ ମୁହୂର୍ତ୍ତରେ ତାର ପିଲା ପିଲାଜନ୍ମ ହେବ । ଜେଜେମା ଏବେ ଖୁବ ବ୍ୟସ୍ତ ହେଉଛନ୍ତି । ବାପାଙ୍କୁ ଏବେ ତାଗିଦ୍ କରି କହୁଛନ୍ତି ସ୍କୁଲରୁ ଫେରିଲେ ତୁ ଏବେ ଘରେ ରହିବୁ । କେତେବେଳେ କୋଉକଥା । ଜେଜେମା ଆଉ ବାପା ମିଶି ନିଷ୍ପତ୍ତି ନେଲେ ମତେ ନେଇ ମାମୁଘରେ ଛାଡ଼ିଦେବେ ।

ଆରତୀର ଆଜି ବି ମନେ ଅଛି ସେଦିନ ଥାଏ ରବିବାର । ବାପା ତାକୁ ମଟରସାଇକେଲରେ ନେଇ ମାମୁଘର ଅଭିମୁଖେ ଚାଲିଲେ । ମାମୁ ଘରକୁ ଯିବାକୁ ହେଲେ ପାଟ ମଝିଦେଇ ଯିବାକୁ ପଡେ । ଗାଡ଼ି ଚାଲୁଥାଏ ଚାଷଜମି ମଝିରେ ଥିବା ସରୁ ରାସ୍ତା ଉପରେ । ମୁଣ୍ଡ ଉପରେ ସୂର୍ଯ୍ୟ। କିଛି ସମୟ ପରେ ବାପା ଲକ୍ଷ୍ୟ କଲେ ଆମେ ଯୋଉ ଜାଗାରୁ ବାହାରୁଛୁ ପୁଣି ଆସି ସେଇ ଜାଗାରେ ପହଞ୍ଚି ଯାଉଛୁ । ତିନି ଚାରି ଥର ପାଟ ମଝିରେ ଘୁରିବା ପରେ ଦୈବାତ୍ ଜଣେ ଦେଖା ହେଲେ । ତାଙ୍କୁ ବାପା ଏ ଅସୁବିଧା କଥା କହିବାରୁ ସେ କହିଲେ,'ବାବୁ ! ତୁମକୁ ଏଠି ଗୋଟେ ପ୍ରେତାତ୍ମା ଭୁଆଁ ବୁଲାଉଛି । କେତେ ଅଜଣା ଲୋକଙ୍କୁ ଏମିତି ମାରି ଦେଲାଣି । ଭଲ ହେଲା ମୁଁ ପହଞ୍ଚିଗଲି । ନଚେତ୍ ସେ ଆଜି ତୁମ ଦୁଇଜଣଙ୍କ ଜୀବନ ନେଇଯାଇଥାଆନ୍ତା । ମୋ ପଛେ ପଛେ ଆସନ୍ତୁ ମୁଁ ଆପଣଙ୍କୁ ଅସଲ ରାସ୍ତା ଦେଖେଇଦେବି । ଆମେ ତାଙ୍କ ପଛେ ପଛେ ଗଲୁ ପାଟ ସରିବା ପର୍ଯ୍ୟନ୍ତ । ତା ପରେ ସେ ଆମକୁ ଠିକଣା ରାସ୍ତା ଦେଖେଇଦେଇ ତାଙ୍କ ବାଟରେ ଚାଲିଗଲେ । ମାମୁଘରେ ପହଞ୍ଚିଲା ବେଳକୁ ଅପରାହ୍ନ ଚାରିଟା । ସେତେବେଳକୁ ମାମୁ ଘରେ ଆମକୁ ଜଗି କେହି ଖାଇନଥାନ୍ତି । ବାପା ସେଦିନ ମତେ ମାମୁଘରେ ଛାଡି ଘରକୁ ଫେରି ଆସିଲେ ।

ମାମୁଘରେ ବୋଉ କଥା ଆରତୀର ବେଶି ବେଶି ମନେପଡେ । ଖାଇବାବେଳେ ଶୋଇବାବେଳେ ଅଧିକ ମନେପଡେ । ମାମୁ, ମାଇଁ, ଅଜା, ଆଇ ବୁଝେଇ ଶୁଝେଇ କିଛି ଦିନ ପାଖରେ ରଖିଲେ । ଘରୁ ବାହାରି ଆସିବା ଦିନ ବୋଉର ସେ କରୁଣ ମୁହଁଟା ଆରତୀର ଆଖି ଆଗରେ ନାଚିଉଠେ । ଆରତୀକୁ ଲାଗୁଥିଲା ତାକୁ ପାଖରୁ ଛାଡିବାକୁ ବୋଉର ଜମା ଇଚ୍ଛା ନଥିଲା ।

ଦିନେ ଉଦୁଉଦିଆ ଖରାବେଳେ ବାପା ଆସି ମାମୁଘରେ ପହଞ୍ଚିଲେ । ବାଟଘରେ ବସି ଚୁପି ଚୁପି କଣ କହିଲେ କେଜାଣି ଆଇ ବଡ଼ ପାଟିରେ କାନ୍ଦିବାକୁ ଲାଗିଲା । ମୁଁ ଆଇର କାନ୍ଦ ଶୁଣି ବାପାଙ୍କୁ ଜାବୁଡି ଧରିଲି । ଦେଖିଲି ସମସ୍ତେ ମୁଣ୍ଡରେ ହାତ ଦେଇ ବସିଥାଆନ୍ତି । ବାପାଙ୍କୁ ଢିମା ଢିମା ଆଖି କରି ଚାହିଁବାରୁ ସେ ମତେ କହିଲେ,'ବୁଝିଲୁ ଗେହ୍ଲି ! ତୋର କୁନିଭାଇଟିଏ ହେଇଛି ।' ତାହେଲେ ତ ଭଲ କଥା । ହେଲେ ଭଲ କଥା ଶୁଣି ଆଇ ଏତେ କାନ୍ଦୁଛି କାହିଁକି ? ମୋର ବୋଉ କଥା ବହୁତ ମନେ ପଡୁଛି । ମୁଁ ଆଜି ତୁମ ସହିତ ଘରକୁ ଯିବି । ମୋ କଥା ଶୁଣି ବାପା ମନ ଦୁଃଖ କରିଦେଲେ । ମାଇଁ ମତେ କୋଳକୁ ନେଇ କହିଲେ,'ମାମୁନି ! କୁନିଭାଇ ଆଉ ଟିକେ ବଡ଼ ହେଇଯାଉ ଆମେ ସମସ୍ତେ ମିଶି ତୁମ ଘରକୁ ଯିବା ।' ତାଙ୍କ କଥା ଶୁଣି ମୁଁ ଆହୁରି ରଡ଼ିଛାଡି କାନ୍ଦିଲି । ବାପା ମତେ କାଖେଇ ବହୁତ ସାରା ଚକୋଲେଟ ଦେଇ ଭୁଲେଇ ଦେଲେ । ବାପା ଫେରିବାବେଳକୁ ମାମୁ ମତେ ଗାଁ ଭିତରକୁ ନେଇଗଲେ ।

ବର୍ଷେ ପରେ ସମସ୍ତେ ମିଶି ଆମ ଘରକୁ ଆସିଲୁ । ମାମୁଘରେ ଗୋଟିଏ ବର୍ଷ ମତେ ଗୋଟିଏ ଯୁଗ ପରି ଲାଗୁଥାଏ । ଜେଜେମା ମତେ ଦେଖି କୁଣ୍ଢେଇ ପକେଇଲା । ମୁଁ କିନ୍ତୁ ତା ଉପରେ ରାଗିଥିଲି । ବୋଉ କାହିଁ ପଚାରିଲାରୁ ହାତ ବଢ଼େଇ ସେଇ ଘରକୁ ଯିବା ପାଇଁ ନିର୍ଦ୍ଦେଶ ଦେଲା । ପରଦା ଖୋଲି ଦେଖିଲା ବେଳକୁ ମୋ ବୋଉ ନଥିଲା, ସେ ଘରେ ଆଉ ଜଣେ ଓଢଣା ଟାଣି ବସିଥିଲେ ଆଉ ଗୋଟେ ଛୋଟ ପୁଅ ତା ପାଖରେ ବସି ଖେଳୁଥିଲା । ଜେଜେମା କହିଲା,'ଇଏ ତୋ କୁନିଭାଇ ଆଉ ସେ ତୋ ନୂଆ ବୋଉ । ଗୋଡ଼କୁ କଚାଡି କାନ୍ଦି କାନ୍ଦି ସବୁ ଘର ବୁଲି ଦେଖିଲି । ବୋଉ କୋଉଠି ନଥିଲା। ତଣ୍ଟି ଫଟେଇ ବୋଉକୁ ଡାକିଲି । ବାପା ଆସି ମତେ ତୁନି କଲେ । ବାପା ମତେ କାନ୍ଦିକି କହିଲେ,'ତୋ ବୋଉ କୁନିଭାଇକୁ ଜନ୍ମଦେଇ ଆକାଶର ତାରା ହେଇଯାଇଛି । ଆଉ କେବେ ସେ ଆମ ପାଖକୁ ଫେରିବନି । ତୋ ପାଇଁ ଆଉ ଗୋଟେ ନୂଆ ବୋଉ ଆଣିଛି । ସେ ଘରକୁ ଯା ଦେଖିବୁ ତୋ କୁନିଭାଇର ପାଖେ ପାଖେ ସେ ଅଛି । 'ସେ ମୋ ବୋଉ ନୁହେଁ 'କହି ତାଙ୍କ କାଖରୁ ଡେଇଁ ପଡିଲି ସେଦିନ । ତାଙ୍କୁ ବୋଉ ବୋଲି ମାନିନେବାକୁ ମୁଁ ଆଦୌ ପ୍ରସ୍ତୁତ ନଥିଲି । ଏପରିକି ଅନେକ ଦିନ ପର୍ଯ୍ୟନ୍ତ ତାଙ୍କୁ 'ବୋଉ' ବୋଲି ଡାକି ନଥିଲି । ଧୀରେ ଧୀରେ ବଡ଼ ହେବା ପରେ ବାପାଙ୍କର ଉଦାସ ଭାବକୁ ଦେଖି ସବୁ ବୁଝିଗଲି ।

ଦିନେ ଆରତୀ ହରେଇଥିବା ବୋଉର ରୂପେଲି ମୁହଁକୁ ମନେ ପକେଇ ସଂକଳ୍ପ ନେଲା ବଡ଼ ହେଲେ ଡାକ୍ତର ହେବ । ଆଜି କଟକ ବଡ଼ ମେଡ଼ିକାଲରେ ଗାଇନୋକୋଲୋଜିଷ୍ଟ । ସେଦିନ ସିନା ଚିକିତ୍ସା ଅଭାବରୁ ବୋଉର ଜୀବନ ଚାଲିଗଲା ହେଲେ ଏବେ ଶହ ଶହ ବୋଉମାନଙ୍କର ଜୀବନ ରକ୍ଷା କରିପାରୁଛି । ପଇସା ରୋଜଗାର ତାର ଲକ୍ଷ୍ୟ ନୁହେଁ ଲକ୍ଷ୍ୟ କେବଳ ଚକିତ୍ସା ଅଭାବରେ କୋଉ ମାଆଟିଏ ଯେମିତି ଅକାଳରେ ଝଡିନଯାଉ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଲୋ ମିଡ଼ିଲ୍ କ୍ଲାସ



ହେମନ୍ତ ସାହୁ

ପାହାନ୍ତିଆ ସକାଳ, ସମୟ ହେବ ପାଖାପାଖି ଚାରିଟା । ନଦୀ କୂଳ ଖଣି ଉପରେ ପୁଅଟିଏ ବସିବାର ପାନ ଦୋକାନୀ ରାଧୁ ଦେଖିଲା । କେଜାଣେ କ'ଣ ପାଇଁ ସେ ପୁଅ କାନ୍ଦୁଥିଲା । ରାଧୁ - ଆରେ ପୁଅ ତୁ କିଏ, କ'ଣ ଏଠି ଏତେ ସକାଳୁ ବସି କାନ୍ଦୁଛୁ । ରାଧୁ କାକା ମୁଁ ମନିଷ । ହଁ ମନିଷ ତୁ କଣ କରୁଛୁ କାହିଁ କାନ୍ଦୁଛୁ ? ରାଧୁ କାକା ମୁଁ କଣ ଆଉ କହିବି ଘରର ପରିସ୍ଥିତି ଠିକ୍ ନାହିଁ । ଆରେ ମନିଷ ଦୁନିଆର ସବୁ ଘରେ ଏମିତି ପରିସ୍ଥିତି ଅଛି, ତୁ ଏତେ ବେଶୀ ଭାବ୍‌ନା । ରାଧୁ କାକା ଏ ଦୁନିଆ କଥା କୁହନ୍ତୁନି, ଏ ଦୁନିଆ ଆମ ଭଳି ଲୋ ମିଡ଼ିଲ୍ କ୍ଲାସ ବର୍ଗଙ୍କୁ ସର୍ବଦା କଷ୍ଟ ଦେଇ ଆସିଛି । ମନିଷ - ମୁଁ ଡିଗ୍ରୀ ପାସ୍ କରିଛି ଖଣ୍ଡେ ଚାକିରି ନାହିଁ ବୋଲି ଏ ସମାଜ ମୋତେ ତାନା ଦେଉଛି, ବାପା ବୁଢ଼ା ବୟସରେ ହାଡ଼ ଭଙ୍ଗା ଖରାରେ କାମ କରୁଛନ୍ତି । ବାପାଙ୍କ ସହିତ ମୁହଁ ମିଳାଇପାରୁନି । ଆଗକୁ ପଢ଼ିବାର ବହୁତ ଇଚ୍ଛା କିନ୍ତୁ ବାପାଙ୍କ ମୁହଁ ଦେଖି କିପରି କହିବି ? ଜଣେ ପୁଅ ହିଁ ବୁଝିପାରିବ କିପରି ଫିଲ ହୁଏ । କେବେ କେବେ ଲାଗେ ମରି ଯିବା ପାଇଁ କିନ୍ତୁ ବାପାମାଆଙ୍କୁ କିଏ ପୋଷିବା ଏତେ କଷ୍ଟରେ ପାଳିଛନ୍ତି। ଗୋଟେ ଲୋ ମିଡ଼ିଲ୍ କ୍ଲାସ ପୁଅ ମରିବାକୁ ଚାହିଁଲେ ଏ ସମାଜ ତାକୁ ମଲା ପରେ ବି ପ୍ରତାରଣା ଦେବ ।

ରାଧୁ କାକା- କ'ଣ କରିବା ମନିଷ ଆମେ ପୁଅ ଆମକୁ ସହିବାକୁ ହେବ, ବେଶୀ ଭାବନି । ଏ ସମାଜ ଖାଲି ଝିଅ ମାନଙ୍କର କଷ୍ଟ ବୁଝେ କାରଣ ଝିଅ ମାନେ ଶାରୀରିକ କଷ୍ଟ ବେଶୀ ପାଆନ୍ତି ବୋଲି କିନ୍ତୁ ଏ ସମାଜ ଜାଣିନି ଶାରୀରିକ କଷ୍ଟରୁ ମାନସିକ କଷ୍ଟ ବେଶୀ ପ୍ରତାରଣା ଦିଏ, ନାରୀ ମାନଙ୍କର ପାଇଁ ଅନେକ ଆଇନ୍ ଯୋଜନା ଗଠନ କରାଯାଇଛି । କଥାରେ ଅଛି ଯାହା ଦିଶେ ତାହା ହିଁ ମିଳେ, ପୁଅ ମାନଙ୍କର କଷ୍ଟ ପ୍ରତାରଣା ତାଙ୍କ ଭିତରେ ଲୁଚି ରହିଯାଏ । ଏ ସମାଜ କେବଳ ପୁଅ ମାନଙ୍କର ଟଙ୍କା ଦେଖେ ,ଯାହା ପାଖେ ଯେତେ ବେଶୀ ଟଙ୍କା ପଇସା ବଡ଼ଘର ସେ ଆମ ସମାଜ ପାଇଁ ସଫଳ ବ୍ୟକ୍ତି । ପୁଅ ମାନଙ୍କର ଏଇ ତ ଜୀବନ କଷ୍ଟରେ ହସିବାର ଖୁବି କେବଳ ଲୋ ମିଡ଼ିଲ୍ କ୍ଲାସ ପୁଅ ହିଁ ରଖିପାରିବ । ମନିଷ ଆଉ ରାଧୁ ର କଥାବାର୍ତ୍ତା ନଦୀ ତଳେ ଥିବା ମାଖୁନୁ ଶୁଣୁଥାଏ, ଆଉ କହିଲା...ରାଧୁ ମନିଷ ମନେରଖ ସମୟ ପରିବର୍ତ୍ତନ ହୁଏ ଆଜି ଖରାପ ପରିସ୍ଥିତି ଅଛି ସମୟ ଆସିବା ସବୁ ଠିକ୍ ହେଇଯିବ । ଭଗବାନ କୁହନ୍ତି ଧୀରେ ଧୀରେ ସବୁ ଠିକ୍ ହୋଇଯାଏ ।

'ରାଧୁ- ମାଖୁନୁ ବବା ତମେ ଠିକ୍ କହୁଛ । ମନୁଷ୍ୟର ଜୀବନ ଏକ ଗତିଶୀଳ ଅଟେ । କିନ୍ତୁ ପୁଅ ମାନଙ୍କର ଜୀବନକୁ କେବଳ ଟଙ୍କା ହିସାବ ସଫଳ ଆଉ ବିଫଳ ଆଙ୍କିବା ଭୁଲ ଅଟେ । ଟଙ୍କା କେବେ ଭିତରିଆ ଖୁସି ଦେଇପାରିବ ନାହିଁ ଏହା ସମସ୍ତେ ବୁଝିବା ଦରକାର । ନିଜେ ସଫଳ ନା ବିଫଳ କେବଳ ନିଜ ଭିତରର ଆତ୍ମା ହିଁ ଉତ୍ତର ଦେଇପାରିବ । ମନିଷ - ମାଖୁନୁ ବବା ମୁଁ ଜଣେ ଝିଅକୁ ଭଲପାଏ,ସେ ବି ମୋତେ ପ୍ରେମ କରେ କିନ୍ତୁ ତାଙ୍କର ପରିବାରକୁ ଜଣେ ସଫଳ ଜ୍ୱାଇଁ ଦରକାର ଯାହାର ବଡ ଘର ଥିବା ବଡ ଚାକିରିଟେ ଥିବା ଯା ଦ୍ୱାରା ତାଙ୍କର ଝିଅ ଖୁସିରେ ରହିବ । ଖୁସି କଣ ଟଙ୍କା କିଣିପାରିବ ଯଦି ପାରେ ତ ବଡ ବଡ଼ ହିରୋ ହିରୋଇନ୍ ଛାଡ଼ପତ୍ର କାଇଁ ହୁଏ । ସମାଜ ଭୁଲି ଗଲାଣି ମନର ଶାନ୍ତିକୁ ପଇସାରେ କିଣି ହେବା ନାହିଁ। ଟଙ୍କାପଇସା କେବଳ ତେମ୍ପରାରି ଶାନ୍ତି କିଣି ପାରିବ, ଜୀବନ ସାରା ମନର ଶାନ୍ତି କେବଳ ମନର ପ୍ରେମ ମନର ଶାନ୍ତି ଯାହା କାହାର ବନ୍ଦୀ ନୁହେଁ ସ୍ୱତନ୍ତ୍ର ଅଟେ । ଆମ ସମାଜର ସଂଜ୍ଞା ଯାହା ଟଙ୍କା ଥିଲେ ସଫଳ ମଣିଷ ଏହା ଯୋଗୁଁ ପୃଥିବୀର ସବୁ ସମସ୍ୟା ସୃଷ୍ଟି। ଟଙ୍କା କମାଇବା ପାଇଁ ମନୁଷ୍ୟ ଏତେ ତଳକୁ ଯାଇ ସାରିଲାଣି.. ଯାହା ସମସ୍ତେ ଭଲ ଭାବରେ ଜାଣନ୍ତି...।



ମାଖୁନୁ - ମଣିଷ ଭୁଲି ଗଲାଣି ଖାଲି ଆସିଛି ଖାଲି ହିଁ ଫେରିଯିବା ତଥାପି ଏତେ..ଲୋଭ କାହିଁ ! ସାଙ୍ଘାତିକ ପ୍ରଶ୍ନ ଟଙ୍କା କେବେ ମଣିଷ ଆତ୍ମାକୁ ଶାନ୍ତି ଦେଇପାରିବ... ? ଟଙ୍କା ଟଙ୍କା ହୋଇ ମଣିଷର ପେଟ କେବେ ପୂରିବ କି..... ?

ଶେଷରେ କିଛି ବାର୍ତ୍ତା ସମାଜ କହେ କଳା କୌଶଳ ଥିଲେ ସବୁ ପୁଅ ସଫଳ ହୁଅନ୍ତି କିନ୍ତୁ ଏ ସମାଜ ଜାଣେନା କି ଲୋ ମିଡ଼ିଲ୍ କ୍ଲାସ ପରିସ୍ଥିତିର ପୁଅ ପରିବାରକୁ ପୋଷିବା ଚିନ୍ତାରେ ତାର କଳା , କୌଶଳର ଅସ୍ତିତ୍ୱକୁ କୁଆଡ଼େ ହଜେଇ ବସେ ।

+ରେଗଡ଼ା,ଏମ ରାମପୁର,କଳାହାଣ୍ଡି
ପିନ୍ ୭୬୬୧୦୨
ମୋ - ୬୩୭୧୮୨୭୦୩୧

# ଦାନ୍ତ

ସତ୍ୟନାରାୟଣ ପ୍ରଧାନ

ବୟସ ହେବାରୁ ପାକୁଆ ପାଟିରେ ଆଉ କିଛି ଖାଇ ହେଉନି ବିଶେଷ କରି ମାଛ ଆଉ ମାଂସ ଖାଇବାରେ ଭାରି ଅସୁବିଧା । ଶ୍ୱଶୁର ଅନେକ ଥର ବୋହୂକୁ କୁହନ୍ତି ଆମିଷ ବାରରେ ତା ଲାଗି ବାଇଗଣ କି ଟମାଟର ଗୋଟେ ଭର୍ତ୍ତା କରି ଦେବାକୁ। ସବୁବେଳେ ତାଙ୍କର ଏହି ଫଟଙ୍ଗ ପାଇଁ ବୋହୂର ମନ ରାଗରେ ଜଳିଯାଏ । ସାମ୍ନାରେ କିଛି କହି ନ ପାରିଲେ ବି ତାର ପ୍ରଭାବ ପରିବାରରେ ଅନ୍ୟମାନଙ୍କ ଉପରେ ପଡେ । ଶ୍ୱଶୁର ଏ କଥା



ଜାଣି ମନଦୁଃଖ କଲେ ବି ଚୁପ ରହିବାକୁ ବାଛି ନେଇଥିଲେ ।

ଦିନେ ସେଇ ବୋହୂର ଚାକିରିଆ ଭାଇ ଭାଉଜ ଅନେକ ଦିନ ପରେ ତାର ଘରକୁ ବୁଲି ଆସିଥିଲେ । ଖାଇବା ବାବଦକୁ ଖାସି ମାଂସର ଝୋଳ ସାଙ୍ଗକୁ ନଦୀର ପୋହଳା ମାଛ ରନ୍ଧା ଯାଇଥିଲା। ଏତେ ଗୁଡ଼ାଏ ଜିନିଷ ତିଆରି କରିବା ଭିତରେ ଶ୍ୱଶୁରଙ୍କ ଲାଗି ତାର ପୋଡ଼ିବା କଥା ମନେ ନ ଥିଲା । ବୋହୂ ହସି ଦେଇ ଗୋଟେ ଦିନ ଲାଗି ଚଳାଇ ଦେବାକୁ ତାଙ୍କୁ ଅନୁରୋଧ କରି କହିଥିଲା । ସେ ବନ୍ଧୁ ବାନ୍ଧବରେ ଆଉ ରାଗ ନ କରି ଯେତିକି ପାରିଲେ ତାହା ଖାଇଲେ ।

ପରିବାରରେ ପୁରୁଷଙ୍କ ଖାଇବା ସରିବାରୁ ସ୍ତ୍ରୀ ଲୋକମାନେ ହସ ଖୁସି ହୋଇ ଖାଇବାକୁ ବସିଲେ । ଗପସପ ହୋଇ ଖାଇବା ଭିତରେ ବୋହୂର କଳ ଦାନ୍ତରେ ମାଂସର ଛୋଟ କଣ୍ଟା ଖଣ୍ଡେ ଚୋବାଇବା ଭିତରେ ପଶି ଯାଇଥିଲା । ଯେତେ ହାତ ପୁରାଇ କାଢ଼ିବାକୁ ଚେଷ୍ଟା କଲେ ବି କିଛି ଲାଭ ହେଲାନି । ସାମାନ୍ୟ କଣ୍ଟା ହେଲେ ବି ତାହା ଅନେକ ଯନ୍ତ୍ରଣା ଦେଉଥିଲା । ଶେଷରେ ଡାକ୍ତରଙ୍କ ପାଖକୁ ଯିବାକୁ ପଡିଲା ।

ସେ ଚିମୁଟା ସାହାଯ୍ୟରେ ଅତି ସ୍ୱଳ୍ପ ସମୟରେ ବାହାର କରିଦେଲେ। କଣ୍ଟା ବାହାରିବା ପରେ ସେ ଆଶ୍ୱସ୍ତି ମନେ କଲେ । ଖାଦ୍ୟ ଟିକେ ଦାନ୍ତରେ ଲାଗିଗଲେ କେତେ ଯେ କଷ୍ଟ ହୁଏ । ଶଶୁରଙ୍କ ପାଟିର ଦାନ୍ତ ଗଳି ପଡିବାରୁ ଖାଇବାରେ ତାଙ୍କୁ କେତେ ଯେ ଅସୁବିଧା ହେଉଥିବ ଅନୁଭବ କରିବା ପାଇଁ ଆଉ ବେଶି ସମୟ ଲାଗି ନ ଥିଲା । ଜୀବନରେ ଆଉ ଏପରି ତାଙ୍କ ମନକୁ ବାଧିଲା ଭଳି କାମ କରିବେ ନାହିଁ । ଯେତେ ଯାହା ରାନ୍ଧିଲେ ବି ତାଙ୍କ କଥା ଆଗେ ବୁଝିବାକୁ ମନରେ ନିଷ୍ପତ୍ତି ନେଇଥିଲା । ବୋହୂର ଖୁସିରେ ଡାକ୍ତରଖାନାରୁ ଘରକୁ ଫେରି ଆସିଥିବାରୁ ଭଗବାନ ତାର ମଙ୍ଗଳ କରନ୍ତୁ ବୋଲି ଶ୍ୱଶୁରଙ୍କ ମୁହଁରୁ ବାହାରି ପଡିଥିଲା ।

+ଅଣ୍ଟିଆ, ଯାଜପୁର
ମୋ: ୯୧୭୮୩୧୩୬୪

# ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମଶ୍ରୀ ଉତ୍ସବ ପାଳିତ

ପୁରୀ,୦୪/୧ (ନି.ପ୍ର): ଜାତୀୟ ଶିକ୍ଷା ନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍ଗୀନ ବିକାଶ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର। ଆଜି ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଡା. ପାତ୍ର ପାଠ ସହ ଅନ୍ୟାନ୍ୟ ଦିଗ ଯଥା କ୍ରିଡା, ସଂସ୍କୃତି, ଚିତ୍ରାଙ୍କନ, ବୈଷୟିକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦେଇ ଆଗକୁ ବଢିବା ପିଏମଶ୍ରୀ ବିଦ୍ୟାଳୟର ଉଦ୍ଦେଶ୍ୟ। ଆମ ଜିଲ୍ଲାରେ ୨୭ଟି ପିଏମଶ୍ରୀ ବିଦ୍ୟାଳୟ ହୋଇଛି।୨୦୩୬ ମସିହାକୁ ବିକଶିତ ଓଡିଶା ଓ ୨୦୪୭କୁ ବିକଶିତ ଭାରତର ପରିକଳ୍ପନାକୁ ଆମ ସମସ୍ତଙ୍କ ଉଦ୍ୟମରେ ସଫଳ କରିବା ବୋଲି ସେ କହିଥିଲେ।ପୁରାତନ ଛାତ୍ର ଛାତ୍ରୀ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି ସେମାନଙ୍କୁ ବିଦ୍ୟାଳୟ ମାନଙ୍କୁ ଆମନ୍ତ୍ରଣ କରି ଅଭିଜ୍ଞତା ଓ ଅନୁଭବକୁ ବର୍ତମାନର ପିଢ଼ି ମାନଙ୍କୁ ଶୁଣେଇବାକୁ ଡା. ପାତ୍ର ପରାମର୍ଶ ଦେଇଥିଲେ। ପରେ ସାଂସଦଙ୍କ ପରାମର୍ଶ କ୍ରମେ ସମସ୍ତେ ଗତକାଲି ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶିଶୁ ଶ୍ରେୟାଂଶ ଦେ ଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ ମାନଙ୍କ ସହ ସୁସମନ୍ୱୟ ଏବଂ ଶିକ୍ଷାନୁଷ୍ଠାନର ଭିତିଭୂମିର ବିକାଶ ଶିକ୍ଷା ପ୍ରତି ପିଲା ମାନଙ୍କୁ ଅଧିକ ପ୍ରେରଣା ଦେବ ବୋଲି କହିଥିଲେ।
ପ୍ରାରମ୍ଭରେ ଅତିଥି ମାନେ ବିଦ୍ୟାଳୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପକୁ ବୁଲି ଦେଖିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଭାରତରେ ୧୪୫୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ପିଏମଶ୍ରୀ ବିଦ୍ୟାଳୟ କାର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟର ବିକାଶ ଓ ଶିକ୍ଷାର ଉତଥାନ ପାଇଁ ପିଏମଶ୍ରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଓ ରାଜଶ୍ରୀ ଦାସ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମୁଗ ଚାଷ ପାଇଁ କେନାଲରେ ପାଣି ଛାଡ଼ିବାକୁ ଦାବି

କେନ୍ଦ୍ରାପଡ଼ା,୦୪/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ହଜାର ହଜାର ଚାଷୀ ମୁଗ ଫସଲ ଉପରେ ନିର୍ଭର କରନ୍ତି। କିନ୍ତୁ ଚଳିତ ବର୍ଷ କେନାଲରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ନଛାଡ଼ିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ପ୍ରତ୍ୟେକ ବର୍ଷ ଡାଲୁଅ ଧାନ କଟା ସରିବା ପରେ ଚାଷୀମାନେ ରବି ଫସଲ ପାଇଁ ଚାଷ ବିଲକୁ ପ୍ରସ୍ତୁତ କରିଥାନ୍ତି। ଚାଷ ଜମିରେ ଜଳ ସେଚନ ଅଭାବରୁ ମାଟି ଶୁଖି ଫାଟି ଯାଉଥିବାବେଳେ ମୁଗ ବିରି ଭଳି ଲାଭ ଜନକ ଫସଲ କରିବାକୁ ଅଂଟା ଭିଡ଼ିଥିବା ଚାଷୀ ନିରାସ ହୋଇ ପଡିଛନ୍ତି। ଜିଲ୍ଲାର ୯ଟି ବ୍ଲକରେ ହଜାର ହଜାର ଚାଷୀ କେନାଲରେ ପାଣିକୁ ଅପେକ୍ଷା କରି ବସି ରହିଥିବାବେଳେ ମୁଗ ଚାଷ କରିପାରୁ ନାହାଁନ୍ତି। ତୁରନ୍ତ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡ଼ିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ବିକାଶ ପରିଷଦ ସଭାପତି ରଶ୍ମିରଂଜନ ଚୌଧୁରୀଙ୍କ ନେତୃତ୍ୱରେ ରଂଜନ ରାଉତ, ହିମାଂଶୁ ଭୂଷଣ ନନ୍ଦ, ପ୍ରଦିପ ରାଉତ, ସୁବୋଧ କୁମାର ଦାସ, ଗୋବିନ୍ଦ ମଲିକ, ଉମେଶ ପାଢ଼ି, ବିପ୍ଳବ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନାଙ୍କୁ କେନାଲରେ ପାଣି ଛାଡ଼ିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦ୍ୱିତୀୟ ତମ ଡୁଙ୍ଗରବୁଢ଼ା କ୍ରିକେଟ ମହୋତ୍ସବ ଉଦ୍‌ଘାଟିତ

ନୂଆପଡ଼ା,୦୪/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଭୋଜପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମ ଠାରେ ଶିବ ଶକ୍ତି କ୍ଲବ ଆନୁକୁଲ୍ୟରେ ଦ୍ୱିତୀୟ ତମ ଡୁଙ୍ଗରବୁଢ଼ା କ୍ରିକେଟ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି। ଉଦଘାଟିତ ମ୍ୟାଚ ବାଦୀ ଓ କୋଟେନମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୋଟେନମୁଣ୍ଡା ବ୍ୟାଟିଙ୍ଗ କରି ୧୦ ଓଭର ଖେଳି ସମସ୍ତ ୱିକେଟ ହରାଇ ୬୪ ରନ କରିଥିଲେ। ଜବାବରେ ବାଦୀ ୮ ଓଭର ଖେଳି ୨ ୱିକେଟ ହରାଇ ବିଜୟ ଲାଭ କରିଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଡିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସମ୍ମାନିତ ଅତିଥି ଭାବେ ଭୋଜପୁର ସରପଂଚ କୁଳମଣୀ ନାଏକ, ସାମ୍ବାଦିକ କୁନୁ କରୁଆଁ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚ ବଡମୁଲା ଓ ୟୁନାଇଟେଡ କ୍ଲବ ଖଡିଆଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଖଡିଆଳ ୟୁନାଇଟେଡ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୪ ରନ ସଂଗ୍ରହ କରିଥିଲେ। ଜବାବରେ ବଡମୁଲା ଦଳ ୬୩ ରନ ସଂଗ୍ରହ କରି ଅଲ ଆଉଟ ହୋଇ ଯାଇଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଖଡିଆଳ ଅଗ୍ନିଶମ ବିଭାଗର ହାବିଲଦାର ନରୋତମ ପାଣ୍ଡେ, ପୂର୍ବତନ ଖେଳାଳୀ ମୋଟିରାମ ଭୋଇ, ଉପେନ୍ଦ୍ର ଭୋଇ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏମ୍ପାୟର ଭାବେ ବସନ୍ତ କୁମାର ଶବର ଓ ଆଲୋକ ବାଗ, ଧାରା ବିବରଣୀରେ ମାନସ ପଟେଲ, ସ୍କୋରର ଭାବେ ଦେବଦେବ ତାଣ୍ଡି ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଟୁର୍ଣ୍ଣାମେଂଟକୁ ଶିବଶକ୍ତି କ୍ଲବର ସଭାପତି ଲିଲାମୟ ପଟେଲ, ସମ୍ପାଦକ ମୋହିତେନ୍ଦ୍ର ପଟେଲ, ସଦସ୍ୟ ନିମାଇଁ ପଟେଲ , ବିକାଶ ପଟେଲ, ନୀଳମଣି ସଗରିଆ, ଚମ୍ପେ ପଟେଲ, ଲାଲ ମୋହନ ପଟେଲ, ରୋହିତ ପଟେଲ ଗ୍ରାମର ବରିଷ୍ଠ ବ୍ୟକ୍ତି ଅଜୟ ପଟେଲ, ସଭାପତି ପଟେଲ, ଗଗନ ପଟେଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସୂଚନା ଥାଉକି ଏହି ଟୁର୍ଣ୍ଣାମେଂଟରେ ୧୬ ଗୋଟି ଦଳ ଯୋଗଦାନ କରୁଥିବା ବେଳେ ଫାଇନାଲ ଖେଳ ୧୧ ତାରିଖ ଦିନ ହେବ। ବିଜୟୀ ଦଳକୁ ୩୦ ହଜାର ଓ ଉପ ବିଜେତା ଦଳକୁ ୨୦ ହଜାର ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ।

# ଅସନବାହାଲି ବିଦ୍ୟାଳୟରେ ଅବ୍ୟବସ୍ଥା : କାର୍ଯ୍ୟାନୁଷ୍ଠାନ ଦାବିରେ ଗେଟରେ ଚାବି ପକାଇଲେ ଛାତ୍ର, ଛାତ୍ରୀ : ଦୁଇ ଦିନ ଧରି ଶିକ୍ଷାଦାନ ବନ୍ଦ

ଚମ୍ପୁଆ,୦୪/୧ (ନି.ପ୍ର): ସରକାର ବିଦ୍ୟାଳୟ ମାନଙ୍କରେ ଉତମ ପରିବେଶରେ ଉର୍ନ୍ନତ ଶିକ୍ଷା ଦାନ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅନେକ କ୍ଷେତ୍ରରେ ଶିକ୍ଷକଙ୍କ ମନମାନି ପାଇଁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ଏକ ପ୍ରହସନରେ ପରିଣତ ହୋଇଛି। ଏମିତି ଏକ ଘଟଣାକୁ ନେଇ ଆଜି ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ଗ୍ରାମର ଅସନବାହାଲି ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗେଟରେ ତାଲା ପକାଇଛନ୍ତି ବିଦ୍ୟାଳୟର ଛାତ୍ର, ଛାତ୍ରୀ ଓ ଅଭିଭାବକ। ଛାତ୍ର, ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ଶିକ୍ଷକ ମାନେ ଠିକ ଭାବେ ଶିକ୍ଷାଦାନ କରୁ ନାହାନ୍ତି, ମଧ୍ୟାହ୍ନ ଭୋଜନରେ ଛାତ୍ର, ଛାତ୍ରୀଙ୍କୁ ଖରାପ ଖାଦ୍ୟ ଦେଇ ଭଲ ଖାଦ୍ୟ ଶିକ୍ଷକ ମାନେ ଖାଇ ଯାଉଛନ୍ତି, ଆସୁଥିବା ମାଣ୍ଡିଆ ଲଡୁ ଛାତ୍ର ଛାତ୍ରୀଙ୍କୁ ଦିଆ ଯାଉନାହିଁ, ଛାତ୍ର ଛାତ୍ରୀଙ୍କ ପାଇଁ ଆସୁଥିବା ଆଇରନ ବଟିକା ମଧ୍ୟ ଦିଆ ଯାଉ ନାହିଁ, ପାଇଖାନା ଗୃହରେ ଚାବି ପକାଇ ରଖୁଛନ୍ତି, ପାଣି ଟ୍ୟାପରେ ପାଣି ଛଡା ଯାଉ ନାହିଁ ଫଳରେ ଛାତ୍ର ଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିପରି ସଂଗୀନ ଅଭିଯୋଗ କରି ବିଦ୍ୟାଳୟ ର ଛାତ୍ର, ଛାତ୍ରୀ ମାନେ ବିଦ୍ୟାଳୟ ଗେଟରେ ତାଲା ପକାଇଥିଲେ। ତେବେ ଗତକାଲି ଶିକ୍ଷକ ବଦଳି ପ୍ରତ୍ୟାହାର ଦାବି ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ସ୍କୁଲରେ ଗେଟରେ ଚାବି ପକାଇଥିବା ବେଳେ ଆଜି ବିଦ୍ୟାଳୟରେ ଅବ୍ୟବସ୍ଥା କୁ ନେଇ ପୁଣିଥରେ ଚାବି ପକାଇଛନ୍ତି ଛାତ୍ର ଛାତ୍ରୀ ଓ ଅଭିଭାବକ। ଫଳରେ ବିଦ୍ୟାଳୟରେ ଦୁଇଦିନ ଧରି ପାଠପଢା ସମ୍ପୂର୍ଣ ବନ୍ଦ ରହିଛି। ବିଦ୍ୟାଳୟ ଗେଟରେ ତାଲା ପଡିବା ଯୋଗୁଁ ଅଙ୍ଗନବାଡି ର ଶିଶୁ ମାନେ ମଧ୍ୟ ଗେଟ ବାହାରେ ଅଟକି ରହିଥିବା ଦେଖିବାକୁ ମିଳିଛି। ତେବେ ଦୀର୍ଘ ସମୟ ବନ୍ଦ ପରେ ଏ.ବି.ଇ.ଓ ବିଦ୍ୟାଳୟକୁ ଯାଇ ଛାତ୍ର ଛାତ୍ରୀଙ୍କୁ ବୁଝା ସୁଝା କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ବି.ଇ.ଓ ଏବଂ ଉପଜିଲ୍ଲାପାଳଙ୍କ ଉପସ୍ଥିତି କାର୍ଯ୍ୟାନୁଷ୍ଠାନ ଦାବୀ କରି ନିଜ କଥାରେ ଅଟଳ ରହିଥିଲେ। ଫଳରେ ଦିନ ସାରା ବିଦ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

# ବିଭାଜନସ୍ତରୀୟ ପ୍ରତିଯୋଗିତା

ଚମ୍ପୁଆ,୦୪/୧ (ନି.ପ୍ର): ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ରେ ଉଠାଜଳ ସେଚନ ବିଭାଗ ତରଫରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ମହତାବ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ପାଣିଗ୍ରାହୀ, ଚମ୍ପୁଆ ଉଠାଜଳ ସେଚନ ବିଭାଗ ଭାରପ୍ରାପ୍ତ ସହକାରୀ ନିବାହୀ ଯନ୍ତ୍ରୀ ବୁଧୁରାୟ ସାଙ୍ଗେ ସାମଦ ସହକାରୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ବାଦଲ ଚନ୍ଦ୍ର ଚୌଧୁରୀ, ମେକାନିକାଲ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଦାସ ଯୋଗ ଦେଇଥିଲେ। ଚମ୍ପୁଆ ଉପଖଣ୍ଡ ତଥା ଚମ୍ପୁଆ ବ୍ଲକ ରୁ ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ ଚମ୍ପୁଆ, ମହତାବ ଉଚ୍ଚ ବିଦ୍ୟାଳୟ, ଭୂଇଁପୁର ଉଚ୍ଚ ବିଦ୍ୟାଳୟ, ବାଙ୍କ ଉଚ୍ଚ ବିଦ୍ୟାଳୟ, ପିଏମ ଶ୍ରୀ ଉତ୍କଳ ମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରର୍ଶଳା, ଝୁମ୍ପୁରା ବ୍ଲକର ବଡଡୁମୁରିଆ ଉଚ୍ଚ ବିଦ୍ୟାଳୟ, ବଡନେଉଳି ଉଚ୍ଚ ବିଦ୍ୟାଳୟ, ଗୁମୁରା ଉଚ୍ଚ ବିଦ୍ୟାଳୟ, ସପ୍ତପରି ଉଚ୍ଚ ବିଦ୍ୟାଳୟ ପାହାଡ଼ପୁର, କାଶୀପାଳ ଉଚ୍ଚ ବିଦ୍ୟାଳୟ, ବାଲିବନ୍ଧ ଉଚ୍ଚ ବିଦ୍ୟାଳୟ ସେହିପରି ଯୋଡ଼ା ବ୍ଲକ କେବି ଉଚ୍ଚ ବିଦ୍ୟାଳୟ ଭୁଶୁଗାଁ ଆଦି ରୁ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସାଧାରଣ ଜ୍ଞାନ, ବକ୍ତୃତାରେ ଜଳ ବାୟୁ ସହନଶୀଳ କୃଷି : ଚାଷୀ ଙ୍କ ଭବିଷ୍ୟତ ସୁରକ୍ଷାର ମୂଳ ଆଧାର, ପ୍ରବନ୍ଧ ରେ ଜଳବାୟୁ ସହନ ଶୀଳ କୃଷିର ଉନ୍ନତି ନିମନ୍ତେ ଅଭିନବ ପ୍ରଯୁକ୍ତି ବିଦ୍ୟାର ପ୍ରଚଳନ ତଥା ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦି ବିଭାଗରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ। ଏହି ବିଭିନ୍ନ ପ୍ରତିଯୋଗୀତାରେ କୃତି ଉପଯୋଗୀ ମାନଙ୍କୁ ଉଠା ଜଳସେଚନ ବିଭାଜନ କେନ୍ଦୁଝର ତରଫରୁ ପାଣିପଂଚାୟତ ପକ୍ଷ ପାଳନରେ ଆସନ୍ତା ଜାନୁଆରୀ ୬ ତାରିଖରେ ପୁରସ୍କାର ବିତରଣ କରାଯିବ ବୋଲି ଜଣା ପଡିଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଗଣ ସହଯୋଗ କରିଥିଲେ।

# କାର୍ଯ୍ୟାଳୟରେ ଯୋଗଦେଲେ ସରକାରୀ ନୂଆ ଜିପି

ପୁରୀ,୦୪/୧ (ନି.ପ୍ର): ସରକାର ବଦଳିବା ପରେ ଦୀର୍ଘ ଏକ ବର୍ଷ ପରେ ପୁରୀ ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ଦିଆଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପୁରୀ ଜିଲ୍ଲା କୋର୍ଟରେ ସରକାରୀ ଜି.ପି. ଭାବେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସ୍ୱାଇଁ ଶନିବାର ତାଙ୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ସେ ୧୯୯୧ ମସିହାରେ ଆଇନଜୀବୀ ଭାବେ ପୁରୀ କୋର୍ଟରେ କାର୍ଯ୍ୟ ଆରମ୍ଭ କରିଥିଲେ। ପୂର୍ବତନ ଜିପି ସ୍ୱର୍ଗତ ବାମଦେବ ମିଶ୍ରଙ୍କ ପାଖରେ ଜୁନିୟର ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ । ପୂର୍ବତନ ଜି.ପି. ନୀଳକଣ୍ଠ ନାୟକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ସେ କାର୍ଯ୍ୟ ଆରମ୍ଭ କରିଛନ୍ତି । ତାଙ୍କର ଏହି ଯୋଗଦାନ ପରେ ଏପିପି, ପିପି ଓ ଯୁବ ଓ ବରିଷ୍ଠ ଆଇନଜୀବୀ ମାନେ ତାଙ୍କୁ ସ୍ୱାଗତ କରିଛନ୍ତି ।

# ପାଟଣାରେ ଖୋଲିଲା ଧାନ ମଣ୍ଡି ପ୍ରଥମ ଦିନରେ ୩ ଶହ କୁଇଂଟାଲ ଧାନ କିଣିଲା ଲ୍ୟାମ୍ପ

କେନ୍ଦୁଝର,୦୪/୧ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟରେ ପାଟଣା ଲ୍ୟାସମ୍ପ ଦ୍ୱାରା ଖରିଫ ଋତୁ ସକାଶେ ଧାନ କ୍ରୟ କରିବା ପାଇଁ ବିଧିବଦ୍ଧ ଭାବେ ଧାନମଣ୍ଡି ଖୋଲିଛି। ଏହି ଧାନ ମଣ୍ଡିକୁ ଆନୁଷ୍ଠାନିକ ଭାବେ କେନ୍ଦୁଝର ସାଂସଦଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ,ପାଟଣା ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ ପୂଜାର୍ଚ୍ଚନା କରି ନଡ଼ିଆ ପିଟି ଶୁଭ ଉଦଘାଟନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବଡ଼ପାଟଣା,ଟାଙ୍ଗରପଡା, ଓ ମିରିଗିଖୋଜି ପଂଚାୟତର ଚାଷୀମାନେ ଏଠାରେ ଧନ ବିକ୍ରୀ କରି ପାରିବେ। ପାଟଣା ଲ୍ୟାମ୍ପ ଅଧୀନରେ ୧୧୭୦ ଜଣ ଚାଷୀ ରେଜୀଷ୍ଟ୍ରେସନ କରିଛନ୍ତି। ଧାନ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦୁଝର ସମବାୟ ସମିତି ସହକାରୀ ନିବନ୍ଧକ ସୁଦର୍ଶନ ନାଏକ, ଏସ ଆର ସୁଶୀଲ କୁମାର ନାଏକ, ପାଟଣା ବ୍ଲକ ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, କୃଷକ ନେତା କୃଷ୍ଣଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ,ବଡପାଟଣା ସରପଂଚ ବିନତୀ ବାନରା , ପାଟଣା ସମବାୟ ସମିତି ସଭାପତି ରାମ ଚନ୍ଦ୍ର ନାୟକ, ଲ୍ୟାମ୍ପ୍ ପରିଚାଳକ ହରମୋହନ ମହନ୍ତ ଙ୍କ ସହିତ ଲ୍ୟାମ୍ପ ଡ଼ାଇରେକ୍ଟର ଓ ଚାଷୀ ମାନେ ଉପସ୍ଥିତ ଥିଲେ। ପାଟଣା ମଣ୍ଡି ରେ ଆଜି ୯ଜଣ ଚାଷୀଙ୍କ ଠାରୁ ମୋଟ ୩ଶହ ୨କୁଇଂଟାଲ ଧାନ କ୍ରୟ କରାଯାଇଛି। ଯେଉଁ ଚାଷୀ ମାନେ ସରକାରଙ୍କ ଦ୍ୱାରା ଟୋକାନ ଲାଭ କରିଥିବେ ସେମାନେ ନିକଟସ୍ଥ ଧାନ ମଣ୍ଡିରେ ଧାନ ବିକ୍ରୟ କରି ପାରିବେ। ଏହି କେନ୍ଦ୍ର ଗୁଡିକ ହେଲା ଏରେଣ୍ଡେଇ, କେନ୍ଦେଇପଶି, ରାଜନଗର, ଚେମେଣା, ବାଉଁଶୁଳି, ଜମୁନାପଶି। ଏହି କେନ୍ଦ୍ର ଗୁଡିକରେ ଚାଷୀ ମାନେ ଯୋଗାଯୋଗ କରି ଧାନ ବିକ୍ରୟ କରି ପାରିବେ ବୋଲି ଜିଲ୍ଲା ସମବାୟ ସମିତି ତରଫରୁ ସୂଚନା ଦେଇଛନ୍ତି।

# ନୂଆପଡ଼ା ଜିଲ୍ଲାରେ ପୁଷପୁନି ପର୍ବ ପାଳିତ

ନୂଆପଡ଼ା,୦୪/୧ (ନି.ପ୍ର): ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ଆଜି ମହା ସମାରୋହରେ ପାଳିତ ହେଉଛି ପୁଷପୁନି ତିହାର। ଧାନ ଅମଳ ପରେ ପରେ ଏହି ପର୍ବ ପାଳନ କରାଯାଏ। ବର୍ଷକର କଷ୍ଟ ଉପାର୍ଜିତ ଧାନ ଘରକୁ ଆସିବା ଖୁସିରେ ଚାଷୀ ପୁଷପୁନି ପାଳିଥାଏ। ଏହି ପର୍ବର ଦୁଇ ମୁଖ୍ୟ ବିଶେଷତ୍ୱ ହେଉଛି ମଣ୍ଡାପିଠା ଓ ଛେର ଛେରା। ଘରେ ଘରେ ନୂଆ ଧାନର ଚାଉଳରେ ମଣ୍ଡା ପିଠା ତିଆରି କରାଯାଏ। ପାହଁନ୍ତିଆରୁ ପୁଅ ଝିଅ ମାନେ ଏପରିକି ବଡ଼ ଲୋକ ଘର ଘର ବୁଲି ଛେର ଛେରା ମାଗିଥାନ୍ତି। ଟଙ୍କା ପଇସା, ଧାନ, ଚାଉଳ ଓ ମଣ୍ଡା ପିଠା ଲୋକେ ଦେଇ ଥାଆନ୍ତି। ପରେ ମିଳିଥିବା ସାମଗ୍ରୀକୁ ନେଇ ଭୋଜି ଭାତର ଆସର ଜମିଥାଏ। ଅନେକ ସ୍ଥାନରେ ଲୋକେ ଦଉଡି ଟାଣି ରାସ୍ତା ରୋକ କରିଥାନ୍ତି ଓ ଛେର ଛେରା ମାଗିଥାନ୍ତି। ଆଗେ ଏହି ପର୍ବ ଦିନ ଗାଁ ର ଗଉନ୍ତିଆ ଓ ଧନି ଲୋକ ମାନେ ଲୋକଙ୍କୁ ଭତିଆ(ଉପହାର) ବାଂଟୁଥିଲେ। ଏହି ଦିନ ପୁରୁଣା ମଜୁରିଆ(ହଳିଆ)ଙ୍କୁ ବିଦାୟ ସ୍ୱରୂପ ବିଭିନ୍ନ ସାମଗ୍ରୀ ଦିଆଯାଉଥିଲା। ପୁଣିଥରେ ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିଲା କିମ୍ବା ନୂଆ ମଜୁରିଆକୁ ବର୍ଷକ ପାଇଁ ଚୁକ୍ତି କରାଯାଉଥିଲା। ଏବେ ଏସବୁ ଦେଖିବାକୁ ମିଳୁନି। ପୂର୍ବ ପରି ପୌଷ ପୂର୍ଣ୍ଣିମାର ଉତ୍ସବ ଏବେ ଦେଖିବାକୁ ମିଳୁନି। ଗାଁ ସବୁରେ ଫିକା ଫିକା ଲାଗୁଛି ଏହି ପର୍ବ। ତଥାପି ପୁଷପୁନି ତିହାର ବଂଚିଛି ଓ ଚାଷୀମାନେ ଏହି ଦିନ ଉତ୍ସବ ମନାଉଛନ୍ତି।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା ,୦୪/୧ (ନି.ପ୍ର): ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦାଙ୍କ ଦ୍ୱାରା ଜିଲ୍ଲାସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକର ଫଳପ୍ରସୂ ପାଇଁ ସଚେତନତା ବୃଦ୍ଧି, ସମନ୍ୱୟ ସୁଦୃଢ଼ କରିବା ଏବଂ କାର୍ଯ୍ୟକାରୀ ରୂପାୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦା ତାଙ୍କ ଉଦ୍‌ବୋଧନରେ ସମାବେଶୀ, ସମତାମୂଳକ ଏବଂ ନିରନ୍ତର ଉନ୍ନତି ସାଧନାରେ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏସଡିଜିର ଲକ୍ଷ୍ୟଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରି ବାସ୍ତବତାରେ ପରିଣତ କରିବା ପାଇଁ ସମସ୍ତ ବିଭାଗର ସାମୁହିକ ଦାୟିତ୍ୱ ରହିଛି ବୋଲି କହିଥିଲେ ।
ସେହିପରି ସଭାପତି ଶ୍ରୀ ବେହେରା , ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତା'ଙ୍କ ଉଦ୍‌ବୋଧନରେ ବିକଶିତ ଜିଲ୍ଲା ପରିକଳ୍ପନା ପ୍ରକ୍ରିୟାରେ ନିୟମିତ ବ୍ୟବଧାନରେ ଝଉଏଷ୍ଟ ସମ୍ମିଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ,ସହଯୋଗ, କାର୍ଯ୍ୟକାରୀ ନିରୀକ୍ଷଣ ଏବଂ ଫଳାଫଳମୁଖୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ।ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ନିଜର ଅନୁଭବ,ସମସ୍ୟା, ନିଜ ନିଜ କ୍ଷେତ୍ରରେ ଝଉଏଷ୍ଟ ର ଉପଯୁକ୍ତ କାର୍ଯ୍ୟକାରୀତା ଓ ରୂପାୟନ ପାଇଁ ସୁଚିନ୍ତିତ ମତାମତ ସୁପାରିଶ କରିଥିଲେ। ପରିଶେଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦାର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଲେମ୍ବ ମାରାଣ୍ଡି କାର୍ଯ୍ୟକ୍ରମରେ ସମସ୍ତଙ୍କ ଉପସ୍ଥିତି ଓ ଅଂଶ ଗ୍ରହଣ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଜୟପୁର ବ୍ଲକ ଏବଂ ପୌରାଂଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା

ଜୟପୁର,୦୪/୧ (ନି.ପ୍ର): କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟୱାନ ମହାଜନ ଆଜି ଜୟପୁର ବ୍ଲକ ଏବଂ ପୌରାଂଚଳର ବିଭିନ୍ନ ଉନ୍ନତୀ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଜୟପୁର ବ୍ଲକ ଗଡପଦର ଗ୍ରାମ ନିକଟସ୍ଥ ଝରଣା ନିକଟରେ ବଣଭୋଜି ତଥା ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କାର୍ଯ୍ୟ ଦେଖିବା ପାଇଁ ସେଠାରେ ପହଂଚିଥିଲେ । ଏହାପରେ କାଳିଗାଁ ଗ୍ରାମପଂଚାୟତ ସଦର ଗ୍ରାମ ସ୍ଥିତ ପୁରୁଣା ଉଚ୍ଚ ବିଦ୍ୟାଳୟ ପରିସର ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ କକ୍ଷ, ନୂତନ ବିଦ୍ୟାଳୟ ଭବନ, ୪୦ ସିଟ୍ ବିଶିଷ୍ଟ ଆଦିବାସୀ ଛାତ୍ର ନିବାସ ପରିସର ଏବଂ ନିର୍ମାଣ ହେଉଥିବା ଗ୍ରାମାଂଚଳର ବଜାର ତଥା ମଣ୍ଡି ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ଏହାପରେ ଫାମ୍ପୁଣି ଗ୍ରାମପଂଚାୟତର ସଦର ମହକୁମା ସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ମିଶନ ଶକ୍ତିଙ୍କ ପାଇଁ ଗ୍ରାମପଂଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ । ଗଡପଦରସ୍ଥିତ ବଣଭୋଜି ସ୍ଥଳୀ ବିକାଶ କରାଯାଇ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ କରାଯିବ ଏବଂ ଏଠାରେ ରହିବା ପାଇଁ ଆଶ୍ରୟ ସ୍ଥଳୀ ଏବଂ ବଣ ଭୋଜିଭାତ ପାଇଁ ପିଣ୍ଡି, ପାନୀୟ ଜଳ ବ୍ୟବସ୍ଥା ଏବଂ ପାଣିକୁ ଚେକ ଡେମ ମାଧ୍ୟମରେ ତଳମୁଣ୍ଡରେ ରହୁଥିବା ଚାଷୀ ମାନଙ୍କୁ ଜଳ ଯୋଗାଣ କରାଯାଇ କୃଷି କାର୍ଯ୍ୟ କରିବାରେ ସହାୟକ କରାଯିବ । ଏହାର ବିକାଶ କରାଯାଇ ଜିଲ୍ଲାର ଏକ ପର୍ଯ୍ୟଟକ ପାଇଁ ରମଣୀୟ ସ୍ଥାନ ଭାବେ ଗଢିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ । ତେଣୁ ନିର୍ମାଣ ପାଇଁ ଖର୍ଚ୍ଚ ଅଟକଳ କରିବାକୁ ଉପସ୍ଥିତ ଯନ୍ତ୍ରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ପୌରାଂଚଳର ଦୀର୍ଘ ବର୍ଷ ଧରି ଉନ୍ନତୀକରଣ କାର୍ଯ୍ୟ ଚାଲିଥିବା ନୀଳକଣ୍ଠ ସାଗର ନିର୍ମାଣ ସ୍ଥଳୀରେ ପହଂଚି କାର୍ଯ୍ୟର ସମୀକ୍ଷା କରିଥିଲେ । ଏହିପରି ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଦେଖି ବିରକ୍ତି ହେବା ସହିତ ଆସନ୍ତା ସାଧାରଣତନ୍ତ୍ର ଦିବସ ପୂର୍ବରୁ ନିର୍ମାଣ ଶେଷ କରିବା ସହ ପୌରସଂସ୍ଥାକୁ ହସ୍ତାନ୍ତର କରିବାକୁ ଠିକାସଂସ୍ଥାର ଦାୟୀତ୍ୱରେ ରହିଥିବା କର୍ମଚାରୀଙ୍କୁ ତାଗିଦ କରିଥିଲେ । ଏହିପରି ଆସନ୍ତା ଜାନୁୟାରୀ ୨୬ ତାରିଖରେ ଏହାକୁ ଲୋକାର୍ପଣ କରିବା ନେଇ ଜିଲ୍ଲାପାଳ ଶ୍ରୀ ମହାଜନ ଧାର୍ଯ୍ୟ କରିଛନ୍ତି । ଏହିପରି ଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ କାଫେଷ୍ଟଲକୁ ଅପଗ୍ରେଡ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ଏବଂ ମିଲେଟ ଦ୍ୱାରା ନିର୍ମିତ ସାମଗ୍ରୀ ବିକ୍ରୟ ମଧ୍ୟ ଏହି କେଫେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହିପରି ପରିମଳ ନେଇ ଅସ୍ଥାୟୀ ଶୌଚାଳୟ ଗୁଡିକକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଦୁର୍ଘଟଣାରେ କ୍ରୀଡାବିତ୍ ଗୁରୁତର ଆହତ

ଧର୍ମଶାଳା,୦୪/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋଟପୁର ପଂଚାୟତର ଯୁବ ସଂଗଠକ ତଥା କ୍ରୀଡାବିତ୍ ଅମୀୟ କୁମାର ପରିଡା ଓ ତାଙ୍କ ଧର୍ମପତ୍ନୀ ଆଜି ଏକ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଉଭୟ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ନିଜ କାରରେ ଉଭୟ ନବ ବର୍ଷ ଅବସରରେ ଭଦ୍ରକର ଆରଡିସ୍ଥ ଆଖଣ୍ଡଳମଣି ମନ୍ଦିରକୁ ଯିବା ସମୟରେ ଦୁର୍ଘଟଣାର ସମ୍ମଉକୀନ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକସ୍ଥ ଏକ ଘରୋଇ ମେଡିକାଲରେ ଭର୍ତି କରାଯାଇଥିବା ବେଳେ ଦୁହେଁ ସୁସ୍ଥ ଥିବା ଜଣାପଡିଛି ।

# ବରଗାଁ ପଂଚାୟତଠାରେ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟିତ

ନୂଆପଡ଼ା,୦୪/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ପଂଚାୟତ ଠାରେ ବର୍ତନ ବ୍ୟାଙ୍କର ଶୁଭ ଉଦ୍ଘାଟନ ହୋଇଯାଇଛି। ନୂଆପଡା ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଇତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତନ ବ୍ୟାଙ୍କର ଶୁଭ ଉଦଘାଟନ କରିଥିଲେ। ସୂଚନା ଥାଉକି ନୂଆପଡ଼ା ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲା କରିବା ପାଇଁ ଘୋଷଣା କରିଛନ୍ତି। ଜିଲ୍ଲାର ପ୍ରତ୍ୟେକ ବ୍ୟକ୍ତି ନିଜର ବିବାହ , ବ୍ରତ, ଏକୋଇଶିଆ ଓ ବିଭିନ୍ନ ପର୍ବ ପର୍ବାଣୀ ଉତ୍ସବ ମାନଙ୍କରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରି ଷ୍ଟିଲ ଟ୍ରେ, ଗ୍ଲାସ ସବୁ ବ୍ୟବହାର କରିବା ପାଇଁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଦଘାଟନ ଉତ୍ସବରେ ସିଡିଭିଓ ଡାକ୍ତର ସୁଖେନ୍ଦୁ ରୟ, ଖଡିଆଳ ବିଡିଓ ମିଳନ କୁମାର ଝାଙ୍କର, ଖଡିଆଳ ତହସିଲଦାର ନରସିଂଙ୍ଗ ଗଦବା, ସିଏସଓ ତ୍ରିନାଥ ଭୋଇ, ତିଖାଲି କେନାଲ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆ, ବରଗାଁ ସରପଂଚ ଗୋବିନ୍ଦ ବିହାରୀ ବାରିକ, ଏବିଡିଓ ଝିତିଶୁତା ବାଗ, ଜିପିଓ ଦେବୀ ପ୍ରସାଦ ମେହେର, ଖଡିଆଳ ସିଡିପିଓ ଅର୍ଚ୍ଚନା ରାଉତ, ଆରଡବ୍ଲୁଏସଏସର ବିପିନ ବିହାରୀ ଯୋଶୀ, ବରଗାଁ ପଂଚାୟତ ପିଇଓ ତପସ୍ୱିନି ଭୋଇ ତଥା ବରଗାଁ ପଂଚାୟତର ଶତାଧିକ ଲୋକେ ଉପସ୍ଥିତ ଥିଲେ।

# ‘ଚନ୍ଦ୍ରଭାଗା’ ଅନୁଷ୍ଠାନର ସ୍ୱପ୍ନ: କଳା-ସାହିତ୍ୟ-ସଂସ୍କୃତିର ନବଉନ୍ମେଷକାରୀ ସ୍ୱାକ୍ଷର



ବାଲେଶ୍ୱର, ୪/୧ (ନି.ପ୍ର): ଗତ ଡିସେମ୍ବର ୨୯ ତାରିଖ ସୋମବାର ସକାଳେ ଚନ୍ଦ୍ରଭାଗୋତ୍ସବ ୩୫/୩୬ର ବିଧିବଦ୍ଧ ମଂଚପୂଜା ପୂଜକ କୃତିବାସ ପଣ୍ଡା (ବାପିନନା)ଙ୍କ ମନ୍ତ୍ରପାଠ ତଥା ସୁଶ୍ରୀ ଦୀପ୍ତଶିଖା ବର୍ଦ୍ଧନଙ୍କ ଗୀତାପାଠରେ ଆରମ୍ଭ କରାଯାଇଥିଲାବେଳେ ବହୁଚର୍ଚ୍ଚିତ ‘ନାଚ୍’ ଅନୁଷ୍ଠାନ ମିଳିତ ଉଦ୍ୟମରେ ଓଡ଼ିଶାର ବିଭିନ୍ନ ସ୍କୁଲ୍‌ରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବହୁବିଧ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ପ୍ରକାଶଥାଉକି ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶାର ପ୍ରଜ୍ଞାଶୀଳ ଲେଖକ ସୁବକ୍ତା ଦାଶ୍‌ବେନ୍‌ହୁର୍‌ଙ୍କ ପ୍ରାଣସ୍ପର୍ଶୀ ବକ୍ତବ୍ୟ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ‘ଚନ୍ଦ୍ରଭାଗା’ର ଏକ ସ୍ୱପ୍ନ ଥିଲା ‘ମେଗା କାର୍ଯ୍ୟକ୍ରମ’: ‘ଜାତୀୟସ୍ତରୀୟ ବହୁଭାଷୀ ନାଟ୍ୟୋତ୍ସବ’ର ଶୁଭାରମ୍ଭ। ସଫ୍‌ଦର ହାସ୍‌ମିଙ୍କ ମୂଳ ହିନ୍ଦୀଲେଖା ‘ହଲ୍ଲାବୋଲ’ ବଙ୍ଗଳା ନାଟକ ଶାନ୍ତିନିକେତନ ବୀରଭୂମ ଦ୍ୱାରା ନିର୍ମଳ ହାଜ୍‌ରାଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଭାରତର ବିଖ୍ୟାତ ମଞ୍ଚ ନିର୍ଦ୍ଦେଶକ ଅଭିନେତା ଝାଡ଼ଖଣ୍ଡ-ଜାମ୍‌ସେଦ୍‌ପୁରର ଶିବଲାଲ୍ ସାଗରଙ୍କ ହିନ୍ଦୀ ନାଟକ ‘ଟେରରିଷ୍ଟ୍ କି ପ୍ରେମିକା’ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ଶେଷରାତି ଉଦ୍‌ଯାପନୀ ସନ୍ଧ୍ୟାରେ ଅସୀମ ବସୁ ଫାଉଣ୍ଡେସନ୍ ସୌଜନ୍ୟରୁ ଇଂରାଜୀ ନାଟକ ‘ଦି ସ୍କେଲିଟେନ୍’ର ଓଡ଼ିଆ ରୂପାନ୍ତର କବି-କଥାକାର ଶକ୍ତି ମହାନ୍ତିଙ୍କ ଦ୍ୱାରା ଏବଂ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରାଇ ଦର୍ଶକାଦୃତ ହୋଇଥିଲା। ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ସମ୍ମାନିତ ଅତିଥି ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ଏବଂ ଜନବାଦୀ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ‘ଚନ୍ଦ୍ରଭାଗା’ର ଆଶ୍ଚର୍ଯ୍ୟଜନକ ନୂଆ ସମାଜ ଗଠନ କରିବାର ଭୂମିକା ପ୍ରତିଷ୍ଠାତା ଶ୍ରୀଦେବଙ୍କୁ ଅଧିକରୁ ଅଧିକ ସହାୟ ହେବାର ମନ୍ତବ୍ୟ ପ୍ରଦାନ କରିଥିଲେ। ତେବେ ଆଗାମୀ ପିଢ଼ି ଯଦି ଏଥିରେ ଧ୍ୟାନ ନ ଦିଅନ୍ତି ସମଗ୍ର ବିଶ୍ୱାୟତନରେ ବିପୁଳ କ୍ଷତି ଘଟିବ ବୋଲି ଚେତାବନୀ ଦେଇଥିଲେ। ‘ନାଚ୍’ ଅନୁଷ୍ଠାନର ଅରୁଣାଂଶୁ ପାଣିଗ୍ରାହୀ ଅତିଥି ଆବାହନ କରିଥିଲାବଳେ କବି ଶ୍ରୀଦେବ ‘ଚନ୍ଦ୍ରଭାଗା’ର ପ୍ରାରମ୍ଭିକ ଅନୁଭୂତି ଏବଂ ସଫଳତା / ବିଫଳତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଶ୍ରେୟ ସଦସ୍ୟ ଅଧ୍ୟାପକ ଡ. ଶଶିକାନ୍ତ ମହାନ୍ତି ଉପସ୍ଥିତ ସମସ୍ତ ଅତିଥି ଓ ଶ୍ରୋତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୀର୍ତ୍ତିଚନ୍ଦ୍ର ଉଚ୍ଚ ସରକାରୀ ବିଦ୍ୟାଳୟରେ ସୁବର୍ଣ୍ଣଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାଲିଆପାଳ ୪.୧(ଆପ୍ର) କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ନାରାୟଣପୁର, ବାଲିଆପାଳ, ବାଲେଶ୍ୱରରେ ଆସନ୍ତା ୨୦୨୭ ମସିହାରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି । ଉକ୍ତ ଉତ୍ସବକୁ ସଫଳ ରୂପାୟନ ପାଇଁ ପୁରାତନ ଛାତ୍ରମାନଙ୍କର ଏକ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ଆବାହକ ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟାୟତ ପ୍ରଥମେ ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିବା ବେଳେ, ବରେଣ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ଓ ପରିଚାଳନା ସମିତି ସଦସ୍ୟ ଅମୂଲ୍ୟ କୁମାର ବେହେରା ପ୍ରସ୍ତୁତି ପର୍ବରେ ଜୟନ୍ତୀର ଶୁଭକାମନା ପାଇଁ ଜଗନ୍ନାଥଙ୍କ ପଦକଞ୍ଜରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିବା ପରେ ୧୯୮୯ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ସମବେତ ହୋଇ ଯୁକ୍ତ ମତ ଦେବା ସହ ଆସନ୍ତା ବୈଠକରେ ଏକ ପରାମର୍ଶ କମିଟି, କାର୍ଯ୍ୟକାରୀ କମିଟି ଓ ସହକାରୀ କମିଟି ଗଠନ କରିବାର ସିଦ୍ଧାନ୍ତ ନିଆଯାଇଥିଲା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ହୋଇ ସମ୍ମିଳିତ ସହଯୋଗ କରିବାର ସହମତି ପ୍ରଦାନ କଲେ । ପରିଶେଷରେ ପୁରାତନ ଛାତ୍ର ଯତୀନ୍ଦ୍ର ନାଥ ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ ।

# ଏକାଦଶ ବାର୍ଷିକୀ ରୟାଲସ ପ୍ରିମିୟର ଲିଗର ୨ୟ ଦିନର ଖେଳ




ବାରିପଦା , ୪/୧ (ନି.ପ୍ର): ଷ୍ଟେସନ ଆଥେଲେଟିକ ଆସୋସିଏସନ୍ , ଷ୍ଟେସନ ବଜାର, ବାରିପଦା ଆନୁକୁଲ୍ୟରେ ଆୟୋଜିତ ଏକାଦଶ ବାର୍ଷିକ ରୟାଲ୍ସ ପ୍ରିମୀୟର ଲିଗର ୨ୟ ଦିନରେ ମଧ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଆଜିର ଖେଳକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦରା ସୋରେନ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, କ୍ରୀଡ଼ାବିତ ତଥା ସମାଜସେବୀ ପରେଶ ମହାନ୍ତ ଓ ଏସ ଡି ପି ଓ ପ୍ରଭାତ ମଲ୍ଲିକ ତଥା ଲିଗର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ , ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଏଥଲେଟିକ ଏସୋସିଏସନର ଉପ ସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଏବଂ କ୍ଲବ ର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ଓ ପ୍ରଥମ ମ୍ୟାଚରେ ଭି ରୋର ୬ ଉଇକେଟରେ ମା ତାରିଣୀ ୱରିୟାର୍ସ ଦଳକୁ ପରାସ୍ତ କରିଥିଲା । ସୌମ୍ୟରଞ୍ଜନ ଧଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ୨ୟ ମ୍ୟାଚରେ ପରି ଚ୍ୟାଲେଞ୍ଜର ୮ ଉଇକେଟରେ ମା’ ଅମ୍ବିକା ସୁପର ସ୍ମାସର ଦଳକୁ ପରାସ୍ତ କରିଥିଲା ଓ ଶୁଭେନ୍ଦୁ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ୩ୟ ମ୍ୟାଚରେ ଆଞ୍ଜେଲ ରଣା ଦଳ ୧୨ ରନରେ ଜଗନ୍ନାଥ ୱରିୟାର୍ସ ଦଳକୁ ପରାସ୍ତ କରିଥିଲା ଓ ଋତୁରାଜ ଆଚାର୍ଯ୍ୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ୪ର୍ଥ ମ୍ୟାଚରେ ଥ୍ରୀଲର ଦଳ ୪ ରନରେ ଏମାରଜିଙ୍ଗ ଟାଇଟନ ଦଳକୁ ପରାସ୍ତ କରିଥିଲା ଓ ଦିବ୍ୟଜ୍ୟୋତି ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଳିଆ ଖେଳ ପରିଚାଳନା କରିଥିବା ବେଳେ ସ୍କୋରିଙ୍ଗରେ ବିଭୁ ଓ ମ୍ୟାଚ ରେଫେରୀ ଭାବେ ରାଜେଶ ସାହୁ ସହଯୋଗ କରିଥିଲେ ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଉଦଳା, ୪/୧ (ନି.ପ୍ର): କପ୍ତିପଦା ଉପଖଣ୍ଡରେ ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ତରଫରୁ ପ୍ରତିବର୍ଷ ପରି ଚଳିତ ଜାନୁଆରି ୩ତାରିଖ ଶନିବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଏବଂ ରେଂଜର୍ସ ବିଭାଗ ମିଳିତ ଭାବରେ ଏହି ଶିବିର ଆୟୋଜନର ନେତୃତ୍ୱ ନେଇଥିଲେ । ଜାତୀୟସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବସନ୍ତ କୁମାର ମହାନ୍ତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅତିତରେ ରକ୍ତଦାନ ଶିବିର ମାନଙ୍କରେ ମହିଳା ମାନଙ୍କୁ ଆଦୌ ଦେଖିବାକୁ ମିଳୁନଥିଲା । ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନେ ଘରଘର ବୁଲି ରକ୍ତଦାନର ଉପକାରିତା ବିଷୟରେ ବୁଝାଇବା ପରେ ନୂଆପ୍ରକାର ଉତ୍ସାହ ଖେଳିଯାଇଥିଲା । ଫଳରେ ଧିରେଧିରେ ମହିଳାମାନେ ରକ୍ତଦାନ ଆରମ୍ଭ କରିଥିଲେ । ଏବେ ବହୁସଂଖ୍ୟାରେ ମହିଳା ରକ୍ତଦାନ କରିବା ଦ୍ୱାରା ଏକ ଭିନ୍ନପ୍ରକାରର ମାହୋଲ ଦେଖିବାକୁ ମିଳୁଛି । ତେବେ କେବଳ ସଚେତନତାର ବାର୍ତ୍ତା ବାଂଟିବା କ୍ଷେତ୍ରରେ ନୁହେଁ, ରକ୍ତଦାନ କରିବାରେ ମଧ ଆମ ଝିଅମାନେ ଆଦୌ ପଛୁଆ ନୁହଁନ୍ତି ବୋଲି ଅଧ୍ୟାପିକା କୁମକୁମ ବ୍ୟକ୍ତ କରିଛନ୍ତି । ଆଜିର ଏହି ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ସହିତ ଅଧ୍ୟାପିକା ଗୁଂଜନା ଭୂୟାଁ, ସୁପ୍ରିତି ନାୟକ, ଲକ୍ଷ୍ମୀପ୍ରିୟା ସାମଲ, ମମତା ଓ ଓ ସିତାକାନ୍ତ ମହାପାତ୍ର ପ୍ରମୁଖ ରକ୍ତଦାନ କରିଥିବାର ଜଣାଯାଇଛି । ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି, ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ମେଡ଼ିକାଲ ଅଫିସର ଡ଼ା. ଲକ୍ଷ୍ମୀକାନ୍ତ ପତି, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଅନ୍ୟର ଜୀବନ ବଂଚାଇବା ପାଇଁ ରକ୍ତଦାନ ଭଳି ଏକ ମହାନକାମ କରିବାରେ ମହିଳାଙ୍କ ଆଗ୍ରହ ଦେଖି ଆମେ ଖୁବ୍ ଆନନ୍ଦିତ ବୋଲି ବ୍ୟକ୍ତ କରିଥିଲେ । ଭବିଷ୍ୟତରେ ଏହା ଏକ ସୁନ୍ଦର ଦୁନିଆଁ ଗଠନରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ବୋଲି ମତ ଦେଇଥିଲେ । ଶିବିରରେ ମୋଟ ୨୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଜିର ଏହି ଶିବିରକୁ ସଫଳ କରିବାରେ ଅଧ୍ୟାପିକା ମେରିନା ପଣ୍ଡା, ଶାନ୍ତିଲତା ହାଁସଦା, ଅଧ୍ୟାପକ ଗିରିଜା ଶଙ୍କର ପାତ୍ର, ରାଜେଶ କୁମାର ମୁଦୁଲି, ଅଂଜନ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । କ୍ଷୀରୋଦ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ଶିବିରର ଯବନିକା ପକାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭେନେଜୁଏଲା ପରେ...

ମେକ୍ସିକୋ ସମ୍ପର୍କରେ, ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ସେ ଡ୍ରଗ୍ସ କାର୍ଟେଲଗୁଡ଼ିକୁ ଭୟ କରୁଛନ୍ତି ଏବଂ ଦେଶ ଉପରେ ତାଙ୍କର ନିୟନ୍ତ୍ରଣର ଅଭାବ ରହିଛି। ଟ୍ରମ୍ପ୍ ଦାବି କରିଛନ୍ତି, ସେ କାର୍ଟେଲଗୁଡ଼ିକୁ ଦୂର କରିବା ପାଇଁ ମେକ୍ସିକୋକୁ ବାରମ୍ବାର ସାମରିକ ସହାୟତା ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ, କିନ୍ତୁ ସେନବାଉମ ଏନେଇ ମନା କରିଦେଇଥିଲେ। ଟ୍ରମ୍ପ୍ କଠୋର ଭାବରେ କହିଛନ୍ତି, ଆମକୁ ଏବେ ମେକ୍ସିକୋ ବିଷୟରେ କିଛି କରିବାକୁ ପଡିବ, ଯାହା ଭବିଷ୍ୟତରେ ଏକ ବଡ଼ ଅପରେସନର ସୂଚନା ହୋଇପାରେ। ଟ୍ରମ୍ପ୍ ଏହି ବିପଦ ପଛରେ ନାର୍କୋ-ଆତଙ୍କବାଦ ଏବଂ ବେଆଇନ ପ୍ରବାସୀଙ୍କୁ ମୁଖ୍ୟ କାରଣ ଭାବରେ ଉଲ୍ଲେଖ କରିଛନ୍ତି, ଯାହା ସିଧାସଳଖ ଆମେରିକାର ଜାତୀୟ ସୁରକ୍ଷାକୁ ପ୍ରଭାବିତ କରୁଛି ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ...

ବାରମ୍ବାର ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକଟ କରିବା ସହ ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ଟ୍ରେନିଂ ଦେବାକୁ ପରାମର୍ଶ ଦେଇଛନ୍ତି । ଡ୍ରାଇଭରମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି କରିବା ସହ ବସ୍‌ର ନିୟମିତ ଫିଟନେସ୍ ଯାଞ୍ଚ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆମ ବସ ପରିଚାଳନା ସଂସ୍ଥା ଉଜଟଞ୍ଜ ସହିତ ସମନ୍ୱୟ ରକ୍ଷା କରି ଏ ସମସ୍ୟାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବିଶେଷକରି ଆମ ବସ ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହା ସହିତ ଗଠଓ ମାନଙ୍କ ଦ୍ୱାରା ଆମ ବସ ଗୁଡ଼ିକର ଫିଟନେସ ସଂପର୍କରେ ନିୟମିତ ଯାଞ୍ଚ କରିବାକୁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ବସ୍ ଫିଟନେସ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହିପରି ଦୁର୍ଭାଗ୍ୟଜନକ ଘଟଣା ଯେପରି ବାରମ୍ବାର ନ ଘଟେ ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ଆଇନଜୀବୀ ପୀତବାସ...

ସେମାନଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ, ବିଜେଡ଼ି କର୍ପୋରେଟର ମଳୟ ବିଷୋୟୀ ଏବଂ ବିଜେଡ଼ି ନେତା ମଦନ ଦଳେଇ ପ୍ରମୁଖ ସାମିଲ ଅଛନ୍ତି । ବିଜେଡି ନେତା ବିକ୍ରମ ପଣ୍ଡା ବର୍ତ୍ତମାନ ଜେଲରେ ଥିବାବେଳେ ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଘଟଣା ଅନୁଯାୟୀ, ଗତବର୍ଷ ଅକ୍ଟୋବର ୬ ତାରିଖରେ ବ୍ରହ୍ମପୁରରେ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଜଣେ ଜଣାଶୁଣା ଆଇନଜୀବୀ ତଥା ରାଜନୈତିକ ନେତାଙ୍କୁ ଖୁଲମ୍‌ଖୁଲା ହତ୍ୟା କରାଯିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପୁଲିସ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ବ୍ୟାପକ ତଦନ୍ତ କରିବା ସହ ପ୍ରାୟ ୩୦ ହଜାର ପୃଷ୍ଠାର ଏହି ପ୍ରାଥମିକ ଚାର୍ଜସିଟ୍ ପ୍ରସ୍ତୁତ କରିଛି । ଏହି ବିଶାଳ ଦସ୍ତାବିଜ୍‌ରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ବୈଷୟିକ ପ୍ରମାଣ, ସାକ୍ଷ୍ୟ ଏବଂ ଷଡ଼ଯନ୍ତ୍ରର ତଥ୍ୟ ରହିଥିବା ଅନୁମାନ କରାଯାଉଛି । ଏହି ଚାର୍ଜସିଟ୍ ଦାଖଲ ହେବା ପରେ ମାମଲାର ବିଚାର ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

### ଛିଡ଼ା ହୋଇଥିବା ପାଉଁଶ...

ସ୍ଥାନୀୟ ଲୋକେ କାରରେ ଥିବା ଅନ୍ୟ ଦୁଇଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବୁର୍ଲା ଭିମ୍ସାରକୁ ନେଇଥିଲେ । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରି ନାହିଁ । ଅପରପକ୍ଷରେ ଚାଳକଙ୍କ ମୃତଦେହକୁ ଜବତ କରି ପୋଲିସ ବ୍ୟବଛେଦ ପାଇଁ ପଠାଇଛି । ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ଯାନ୍ତ୍ରୀକ ତୃଟି ଯୋଗୁଁ ଅଚଳ ହୋଇ ପଡ଼ିଥିବା ହାଇୱାଟି ରାସ୍ତାକଡ଼ରେ ଦୀର୍ଘ ସମୟ ହେଲା ଛିଡ଼ା ହୋଇଥିଲା । ତେବେ ସମ୍ବଲପୁର ପଟୁ ଆସୁଥିବା ଉକ୍ତ କାରଟି ସମ୍ଭବତଃ ଦୃତଗତି ଯୋଗୁଁ ନିୟନ୍ତ୍ରଣ ହରାଇ ହାଇୱା ପଛପଟେ ପିଟି ହୋଇଥିଲା । ଫଳରେ କାରଟି ସମ୍ପୂର୍ଣ୍ଣ ଚେପା ହୋଇ ଯାଇଥିଲା ।ନେଇଥିଲେ ।

# ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ



ବାସୁଦେବପୁର, ୪/୧ (ନି.ପ୍ର): ଓଡ଼ିଶାର ପ୍ରଖ୍ୟାତ ସ୍ୱାଧିନତା ସଂଗ୍ରାମୀ ତଥା ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୮ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ରକ୍ତତୀର୍ଥ ଇରମ ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦର ଉପଦେଷ୍ଟା ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଶହୀଦ ମେମୋରିଆଲ କଲେଜର ପୂର୍ବତନ ଅଧ୍ୟକ୍ଷ କଟ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗଙ୍ଗାଧର ପଣ୍ଡା ଓ ରତିକାନ୍ତ ପତି। ସମସ୍ତ ଅତିଥି ସ୍ୱାଧିନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ଉତ୍ସବରେ ଶହୀଦ ତୀର୍ଥ ଯାତ୍ରୀ ସଂଘର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା ବୈଲୋଚନ ଜେନା, ଶିକ୍ଷାବିତ୍ ଭାଗିରଥି ମହାନ୍ତି, ଯାମିନୀ କାନ୍ତ ପାଢ଼ୀ,ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିତ୍ୟାନନ୍ଦ କର, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ ଶିଳ୍ପପତି ମହେଶ ଦାସ, ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା, ପୂର୍ବତନ ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ନାୟକ, ଅଧ୍ୟାପକ ବସନ୍ତ ଦାଶ, ଶିକ୍ଷାବିତ୍ କମଳାକାନ୍ତ କର, କବି ପ୍ରହ୍ଲାଦ ବାରିକ୍,ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ହିମାଂଶୁ ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ , ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେବା ସହିତ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ କବି ଶାନ୍ତିଲତା ପଣ୍ଡା ଏକ କବିତା ପାଠ କରିଥିଲେ। ବସନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ମାନସ ରଞ୍ଜନ ମହାନ୍ତି ଓ ପୁତ୍ର ବଧୂ ରେଖା ପଟ୍ଟନାୟକ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ମହାମିଶ୍ରଣ ପର୍ବ ଅନୁଷ୍ଠିତ

ବାଲେଶ୍ୱର, ୪/୧ (ନି.ପ୍ର): ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଲୋକଙ୍କ ସରକାରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁଆଁଳ ପଂଚାୟତର ସଂଖ୍ୟାଧିକ ବିଜେଡ଼ି ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିଦ୍ଧି ମଣ୍ଡପରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରା ଓ ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ନବାଗତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ବିଗତ ୧୨ବର୍ଷ ଧରି ଦେଶର ବିକାଶଧାରାକୁ ଶୀର୍ଷରେ ପହଂଚାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟେକ ଲୋକକଲ୍ୟାଣ ଯୋଜନା ଆଜି ଗ୍ରାମାଂଚଳର ଘରେ ଘରେ ପହଂଚିପାରିଛି । ସେହିପରି ୨୪ବର୍ଷର କୁଶାସନକୁ ହଟାଇ ରାଜ୍ୟରେ ଜନସେବାର ପ୍ରତୀକ ସାଜିଥିବା ଲୋକଙ୍କ ସରକାର ୨ବର୍ଷ ମଧ୍ୟରେ ଗ୍ରାମାଂଚଳରେ ବିକାଶର ନୂଆ ଦିଗ ଦେଖାଇଛି । ଏହି ବିକାଶ ଧାରାରେ ନିଜକୁ ସାମିଲ କରିବା ପାଇଁ ଗ୍ରାମ୍ୟ ରାଜନୀତିର ଧୂରୀଣ ନେତା ଓ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳ ଓ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ଦତ ଏହି ଅବସରରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ବ୍ୟାପକ ଭାବେ ଏହିଭଳି ମିଶ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ଦଳର ହଜାର ହଜାର କର୍ମୀ ଓ ସମର୍ଥକ ବଜେପିରେ ଯୋଗଦେବେ ବୋଲି ଶ୍ରୀ ଦତ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ଜୟ ନାରାୟଣ ମାଝୀ,ରମେଶ ଜେନା, କରୁଣାକର ବେହେରା,କାର୍ତିକ ଖଟୁଆ, ଭାରତ ବଢ଼େଇ, ବିଜୟ ବଢ଼େଇ, କିରଣ ବେହେରା, ପୁରସ୍ତମ ମହାଲିକ, ସୁଦାମ ମାଝୀ, ପରେଶ ମହାପାତ୍ର, ହରିଶ ଚନ୍ଦ୍ର ଦାସ, ମନ୍ମଥ ମାଝୀ, ଦେବେନ୍ଦ୍ର ମାଝୀ, ରଞ୍ଜିତ ମାଝୀ, ବନମାଳୀ ମାଝୀ, କିରଣ ଲେଙ୍କା ପ୍ରମୁଖଙ୍କ ସହ ଶତାଧିକ ବ୍ୟକ୍ତି ବିଜେପିରେ ସାମିଲ ହୋଇ ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିବା ସହିତ ଆଗାମୀ ପଂଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାପାଇଁ ଭରପୁର ପ୍ରୟାସ କରିବେ ବୋଲି ଘୋଷଣା କରିଥିଲେ । ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଅଣୁ ମାଧବ ପଣ୍ଡା, ମଣ୍ଡଳ ସଭାପତି କାହ୍ନୁ ଚରଣ ମହାଲିକ, ଶଶୀକାନ୍ତ ମିଶ୍ର, କାର୍ତ୍ତିକ ରାଉତ, କାର୍ତ୍ତିକ ପ୍ରଧାନ, ହରେନ୍ଦ୍ର ପ୍ରଧାନ, ବଇଂଚା ସରପଂଚ ରବି ପ୍ରଧାନ, ଶ୍ରୀନିବାସ ମହାଲିକ, ଅମ୍ବିକା ବେହେରା, ସୁଭଦ୍ରା ଖଟୁଆ, ପୂର୍ଣ୍ଣ ଚନ୍ଦ୍ର ମାଝୀ, ଚିତ୍ତରଞ୍ଜନ ମାଝୀ, ଅନ୍ତର୍ଯ୍ୟାମୀ ବେହେରା, ଚତୃଭୁଜ ବେହେରା, ସୃଷ୍ଟିଧର ସେନାପତି ପ୍ରମୁଖଙ୍କ ସମେତ ବଇଁଚା ଓ କସିପଦା ପଂଚାୟତର ବିଜେପି ସର୍ମ୍ଥିତ ସମସ୍ତ ୱାର୍ଡ ମେମ୍ବର ଏହି ମହା ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ



ବଡ଼ସାହି , ୪/୧ (ନି.ପ୍ର): ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ସାନବେଲାକୁଟି ଓମ୍ ବିହାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଂଚାଳିକା ପୁହାଣ ସୂଯରକାନ୍ତି ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା କବୀ ପ୍ରମିଳା ପଣ୍ଡା ଯୋଗଦାନ କରି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ବାର୍ଷିକ ଉତ୍ସବ ମାଧ୍ୟମରେ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାୱା ଏସ୍ ସି ବି ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅସୀମା ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା ଯୋଗଦାନ କରିଥିବା ବେଳେ ଆଦରଣୀୟ ଅତିଥି ଭାବେ ଗୋପବନ୍ଧୁ ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଓ ସମ୍ମାନିତ ଅତିଥି ଭାବେ ପଶୁଦା ଆଚ଼ଳିକ ସାଧନ କେନ୍ଦ୍ର ସଂଯୋଜକ ଷ୍ଟାଲିନ କୁମାର ଦେ, ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ସରପଞ୍ଚ ନିମାଇଁ ସୋରେନ, ଗୋପବନ୍ଧୁ ନଗର ପ୍ରେସ କ୍ଲବର ଉପ ସଭାପତି ଚିରଞ୍ଜନ ଦଳେଇ, ଉଦଳା କାଉନସିଲର ଶରତ ଚନ୍ଦ୍ର ଦାସ ଓ ଖବରଦାତା ତଥା ସମାଜସେବୀ ଶାନ୍ତନୁ କୁମାର ମଢୁଆଳ ଯୋଗଦାନ କରି ପିଲାବେଳୁଁ ରାଷ୍ଟ୍ର ନିର୍ମାଣ ଓ ଦେଶପ୍ରେମ ପ୍ରତି ଉଦ୍‌ବୁଦ୍ଧ ହେଲେ ସମାଜ ନିଶ୍ଚିତ ପରିବର୍ତ୍ତନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦ ଓ ଭାରତମାତା ତଥା ମାତୃ ପିତୃ ପୂଜନ ସହିତ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ବିବରଣୀ ସହିତ ଅତିଥି ପରିଚୟ ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା ଶିକ୍ଷକ ବଙ୍କିମ୍ ବାରିକ କରିଥିଲେ। ପ୍ରଣତୀ ଦାସ, ଭବେନ୍ଦ୍ର ପାତ୍ର, ସୁଜାତା କର, ସୁଦର୍ଶନ ମଳିକ, ସୂର୍ଯ୍ୟସ୍ମିତା ଦାସ, କୌଶଲ୍ୟା ମହଲା, ଜ୍ୟୋତ୍ସ୍ନା ରାୟସିଂହ, ପ୍ରଣତୀ ବେହେରା, ଚନ୍ଦ୍ରମଣି ବାରିକ, ଶୁଭଜିତ ଶୁଭଙ୍କର ରାଉତ, ସୁମନ କୁମାର ବେହେରା ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଶିଶୁ ସାଥି ମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଚଳିତ ବର୍ଷର ବାଳକ ବିଭାଗରୁ ଚିନ୍ମୟ ମହଲା ଓ ବାଳିକା ବିଭାଗରୁ ଏଲିସ୍ ସଲଙ୍ଗୀ ଚମ୍ପିଆନ ହୋଇ ପୁରସ୍କୃତ ହୋଇଛନ୍ତି। ଗୁରୁଜୀ ଦିପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସୋମବାର, ୦୫ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

# ମାଣତ୍ରୀ ବିଏନ ହାଇସ୍କୁଲ ୨୦୧୮ ବ୍ୟାଚର ସମ୍ମିଳନୀ



ବଡ଼ସାହି, ୪/୧ (ନି.ପ୍ର): ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ସ୍ଥିତ ବୈଦନାଥ ନୂତନ ସରକାରୀ ହାଇସ୍କୁଲ ୨୦୧୮ ମେଟ୍ରିକ ବ୍ୟାଚର ବିଦ୍ୟାର୍ଥୀଙ୍କ ଏକ ସମ୍ମଳନୀ ନିକଟସ୍ଥ ଗଙ୍ଗାହାର ନଦୀ କୂଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦୀର୍ଘ ୭ବର୍ଷ ପରେ ଏକତ୍ରିତ ଛାତ୍ରଛାତ୍ରୀ ପୁରୁଣା ସ୍ମୃତିର ରୋମନ୍ଥନ କରିବା ସହିତ ନିଜ ମଧ୍ୟରେ ଭାବବିନିମୟ କରିଥିଲେ । ଆଗକୁ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକାଠି କରି ବୃହତ ସମ୍ମଳନୀ ଆୟୋଜନ ପାଇଁ ସିଦ୍ଧାନ୍ତ ନେଇଥିଲେ । ତତସହିତ ସମାଜସେବା, ସଚେତନତା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟ ଆଗକୁ ନେବେ ବୋଲି ସ୍ଥିର କରି ଖସଡା ପ୍ରସ୍ତୁତ କରିଥିଲେ । ପ୍ରତ୍ୟୁଷ ପଣ୍ଡା, ସୌମଜିତ ମିଶ୍ର, ସୂରଜ ଦେହୁରୀ, ବିଶ୍ୱଜିତ ମହାନ୍ତ, ସିତୁ ବିନ୍ଧାଣୀ, ଗୋପାଲ ବାରିକ, ସୂରଜ ବାରିକ, ଲଳିତ କୁମାର ଜେନା, ଶୁଭସ୍ମିତା କବାଟ, ସମୀକ୍ଷା ସିଂ, ଦୀପିକା ରଣା, ଜୁବଲୀ ହାତୀ ଓ ଅନୁପମା ମହାନ୍ତ ଅଂଶ ଗ୍ରହଣ କରିଥିବା ବେଳେ ମନଜିତ ଦାଶ ଓ ଶଙ୍କର ମହାନ୍ତ ଆଭାଷୀରେ ଯୋଗଦେଇଥିଲେ ।

# ଗୋସେବକଙ୍କ ଦ୍ୱାରା ୪ଗୋରୁ ଉଦ୍ଧାର: ୪ ବେପାରୀଙ୍କ ସମେତ ଗୋମାତାଙ୍କୁ ପୋଲିସକୁ ହସ୍ତାନ୍ତର



ନୀଳଗିରି , ୪/୧ (ନି.ପ୍ର): ରାଜ୍ୟରେ ଗୋହତ୍ୟା ଏବଂ ଗୋଚାଲାଣକୁ ବନ୍ଦକରିବାକୁ ଅଣ୍ଟାଭିଡ଼ିଛି ହିନ୍ଦୁସଂଗଠନ। ବିଶେଷକରି ଗୋସେବକ ମାନେ ବିଭିନ୍ନସ୍ଥାନରେ ଚଢାଉକରି ଦଲାଲ, ବେପାରୀମାନଙ୍କୁ ଅଟକରଖି ସେମାନଙ୍କ ନିକଟରୁ ଗୋମାତା ଉଦ୍ଧାରକରିବା ଦେଖିବାକୁ ମିଳିଥିବା ବେଳେ ଆଜି ପୂର୍ବାହ୍ନ ପ୍ରାୟ ୮.୩୦ସମୟରେ ବରହମପୁର ଅଞ୍ଚଳର କିଛି ଗୋସେବକ ଗୋହିରା ଛକନିକଟରେ ଚାରିଜଣ ବେପାରୀଙ୍କୁ ଅଟକରଖି ସେମାନଙ୍କ ନିକଟରୁ ୪ଟି ଗୋରୁଙ୍କୁ ଉଦ୍ଧାରକରି ବରହମପୁର ପୋଲିସକୁ ଖବର ଦେଇଥିଲେ। ଖବରପାଇ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏନେଇ ବରହମପୁର ଥାନାରେ ୨/୨୬ନଂରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ବହୁଦିନଧରି ଗୋରୁବେପାର କରିଆସୁଥିବା ଗରଡି ଅଞ୍ଚଳର ହାଡିବନ୍ଧୁ ମଣ୍ଡଳ ନିଜର ସହକର୍ମୀ କାର୍ତ୍ତିକ ମଣ୍ଡଳ, ଚନ୍ଦ୍ରକାନ୍ତ ଘଡେଇ ଏବଂ ତପନ ଘଡେଇ ନୀଳଗିରି ଅଞ୍ଚଳରୁ ତିନୋଟି ଗାଈ ଏବଂ ଗୋଟିଏ ଅଣ୍ଡିଆ ଗୋରୁଙ୍କୁ ନେଇ ମୟୂରଭଞ୍ଜ ଉଦଳା ହାଟକୁ ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ଖବରପାଇ ଗୋସେବକ ମାନେ ଗୋହୀରାଛକରେ ଅଟକରଖି ପୋଲିସକୁ ଖବର ଦେଇଥିଲେ। ପରେ ଉଦ୍ଧାର ସମସ୍ତ ଗୋରୁଗୁଡ଼ିକୁ ମା ଭାରତୀ ଗୋଶାଳା ବାମପଦାକୁ ପଠାଇ ଦିଆଯାଇଥିବା ବେଳେ ବରହମପୁର ଥାନାର ଏଏସଆଇ ନନ୍ଦକିଶୋର ବିଶ୍ୱାଳ ଘଟଣାର ତଦନ୍ତକାରି ଅଫିସର ଅଛନ୍ତି।

# ସାନ୍ତାଳ ଗାଁଓ୍ୱାତା ବାଲେଶ୍ୱର କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁମିଳନ ଉତ୍ସବ




ବାଲିଆପାଳ, ୪/୧ (ନି.ପ୍ର): ସାନ୍ତାଳ ଗାଁଓ୍ୱାତା ବାଲେଶ୍ୱର କର୍ମଚାରୀ ସଂଘ ପକ୍ଷରୁ ରବିବାର ବାଲିଆପାଳ ବ୍ଲକ ସ୍ଥିତ ଯମୁନାଶୂଳ ବେଳାଭୂମିରେ ବନ୍ଧୁ ମିଳନ (ବିରସଲେ) ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ ଅତିଥି ଭାବେ ଯୋଗଦେଇ ଓଡ଼ିଆର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାନ୍ତାଳୀ ସମ୍ପ୍ରଦାୟର ଭାଇ ଭଉଣୀ ମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ସାନ୍ତାଳୀ ଭାଷା 'ଅଲିଚିକି'ଏବଂ ସାନ୍ତାଳୀ ସମ୍ପ୍ରଦାୟର ସଂସ୍କୃତି, ପରମ୍ପରାକୁ ଉଜ୍ଜିବିତ କରି ଭାଇଚାରାରେ ସମସ୍ତଙ୍କୁ ବାନ୍ଧି ରଖିବା ଏହି ବନ୍ଧୁ ମିଳନ ଉତ୍ସବର ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଘ ର ସଭାପତି ଜଗନ୍ନାଥ ହାସଦା, ଉପସଭାପତି ରାମଚନ୍ଦ୍ର କିସ୍ କୁ , ସମ୍ପାଦକ ରୁଇହା ଟୁଟୁ, ଉପସଭାପତି ମହେଶ୍ୱର ମୁର୍ମୁ, କୋଷାଧ୍ୟକ୍ଷ ହରିହର ଟୁଟୁ, ଉପଦେଷ୍ଟା ଲକ୍ଷ୍ମଣ ମୁର୍ମୁ, ରାମଚନ୍ଦ୍ର ହାଁସଦା,ପୁଚି ସୋରେନ,ରାଇକେନା ବେସରା, ଯୋଗେନ୍ଦ୍ର ହେମ୍ବ୍ରମ,ଜୟ କୃଷ୍ଣ କିସ୍ କୁ, ମହିଳା ସଂଯୋଜିକା ଡ଼ ଶ୍ରୀ ମତୀ ପ୍ରମୁଖ ଯୋଗଦେଇଥିଲେ। ରଘୁନାଥ ଟୁଟୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ନିଜ ଭାଷା 'ଅଲିଚିକି' ରେ ନିଜର ପରିଚୟ ପ୍ରଦାନ କରିବା ସହିତ ନିଜର କର୍ମ କ୍ଷେତ୍ରର ଅନୁଭୂତିକୁ ବର୍ଣ୍ଣନା କରିଥିବାର ଦେଖିବାକୁ ମିଳିଥିଲା। ଶେଷରେ ସାନ୍ତାଳୀ ଭାଷାର ସଂଗୀତରେ ନୃତ୍ୟ ପରିବେଷଣ କରି ଝୁମି ଥିଲେ ସନ୍ତାଳୀ ଭାଇ ଭଉଣୀ ମାନେ।

# ଜୟନାରାୟଣ ମହାନ୍ତି ସ୍ମୃତି କମିଟିର କର୍ମକର୍ତ୍ତା ମନୋନୟନ ଏବଂ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପ୍ରସ୍ତୁତି ବୈଠକ

ବାଲିଆପାଳ , ୪/୧ (ନି.ପ୍ର): ଆସନ୍ତା ଜାନୁୟାରୀ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନୂତନ ବାଲିଆପାଳର ବିଶ୍ୱକର୍ମା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଇଁ ଆଜି ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଲିଆପାଳ ଅଞ୍ଚଳର ଶତାଧିକ ଜୟନାରାୟଣ ପ୍ରେମୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।ବୈଠକ ପ୍ରାରମ୍ଭରେ ଏକ ସ୍ଥାୟୀ କମିଟି ଗଠନର ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତିକ୍ରମେ ବ୍ରଜକିଶୋର ଭୂୟାଁ ଙ୍କୁ ସ୍ମୃତି କମିଟିର ସଭାପତି ଭାବରେ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବରେ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ସାହୁ ଓ ସହକାରୀ କୋଷାଧ୍ୟକ୍ଷ ଭାବରେ ଜଗନ୍ନାଥ ବାରିକଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭାବରେ ରବିନାରାୟଣ ମହାନ୍ତି ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବରେ ସ୍ଥାନୀୟ ସାଂସଦ,ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ପ୍ରାକ୍ତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ, ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ସଞ୍ଜୟ କୁମାର ଦେ,କାଳିଚରଣ ଦେ, ପ୍ରିୟନାଥ ସେଠୀ, ମଧୁସୂଦନ ସାହୁ, ବିଜନ ନାୟକ,ଜଗନ୍ନାଥ ବିଶ୍ୱାଳ, ରବିନ୍ଦ୍ର ନାଥ ଅଣ୍ଡିଆ,ଗିରିଶ ପାତ୍ର ଏବଂ ଜୟନାରାୟଣ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ସତ୍ୟକାମ ମହାନ୍ତି ପ୍ରମୁଖ ରହିଛନ୍ତି। ସେହିପରି ପାଞ୍ଚ ଜଣଙ୍କୁ ଉପସଭାପତି ଦେବ କୁମାର ଦେ, ଅମରେନ୍ଦ୍ର ପାତ୍ର, ଅଶ୍ୱୀନୀ କୁମାର ଦାସ ଏବଂ ଜୟନାରାୟଣ ମହାନ୍ତିଙ୍କ ଦୁଇ ଭଣଜା ଅଧ୍ୟାପକ ଡ ସୁଶାନ୍ତ କୁମାର ଦାସ ଓ ଶୁଭେନ୍ଦୁ ଦାସ ମନୋନୀତ ହୋଇଥିଲେ। ସମ୍ପାଦକ ଭାବରେ ଅରୁଣ କୁମାର ପାତ୍ର, ସରୋଜ କୁମାର ପିଳା, ସୁଶାନ୍ତ ପାତ୍ର ଅମିତ କୁମାର ପଟ୍ଟନାୟକ ଏବଂ ଜୟନାରାୟଣ ମହାନ୍ତିଙ୍କ କନିଷ୍ଠ ପୁତ୍ର ଦିବ୍ୟକାମ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ସାଂସ୍କୃତିକ କମିଟିରେ ଶ୍ରୀଗୋବିନ୍ଦ ଦେବାଶିଷ ପାତ୍ର, ଅଶୋକ କୁମାର ବାଗ, ପ୍ରଦୀପ୍ତ ପାତ୍ର, ପ୍ରତାପ କୁମାର ପାତ୍ର, ବ୍ୟୋମକେଶ ସାହୁ ଓ ସୁବାଷ ନାୟକ ପ୍ରଭୃତି ପାଞ୍ଚ ଜଣଙ୍କୁ ମନୋନୀତ କରାଯାଇଥିଲା। ଆସନ୍ତା ଜାନୁୟାରୀ ୨୦ ତାରିଖରେ ବ୍ଲକ ଛକ ନିକଟସ୍ଥ ଇନ୍ଦିରା ଶିଶୁ ଉଦ୍ୟାନ ପରିସରରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମେ ପ୍ରଭାତ ଫେରି ପରେ ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅପରାହ୍ନରେ ସଭାକାର୍ଯ୍ୟ ସହିତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ପ୍ରତିବର୍ଷ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଜନ୍ମ ଦିବସ ଏବଂ ଶ୍ରାଦ୍ଧ ଦିବସକୁ ମହା ଆଡମ୍ବର ସହକାରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି ବୈଠକରେ ଜୟନାରାୟଣ ମହାନ୍ତିଙ୍କୁ ଭଲପାଉଥିବା ଶତାଧିକ ବ୍ୟକ୍ତି ବିଶେଷ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କୁ ଆସନ୍ତା ଦିନରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଶ୍ରଦ୍ଧାପତିଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ

ବାଲିଆପାଳ , ୪/୧ (ନି.ପ୍ର): ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଶନିବାର ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ମହାପ୍ରଭୁ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥ ରାଜଧିରାଜ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ସକାଳ ଧୂପ ପରେ ମହାପ୍ରଭୁ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥ ରାଜଧିରାଜ ବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ପୁଷ୍ୟାଭିଷେକ ଅନ୍ୟତମ ଉତ୍ସବ। ଏସି ଅବସରରେ ଶ୍ରଦ୍ଧକ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି କାନ୍ତି ଯଥା ରିତି ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାପତିଙ୍କ ମୁଖ୍ୟ ସେବକ ବିଷ୍ଣୁଦାସ ପାଠୀ ହୋମ ଯଜ୍ଞ ସହ ସମସ୍ତ ନୀତି କାନ୍ତି ସୁଚାରୁରୂପେ ସମ୍ପନ୍ନ କରାଇଥିଲେ। କର୍ତ୍ତା ଭାବରେ ପ୍ରତାପ କୁମାର ପାତ୍ର ଏବଂ ତାଙ୍କ ଧର୍ମପତ୍ନୀ ମାମିଲତା ସଂକଳ୍ପ ହୋଇ ବିଧି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ଶ୍ରଦ୍ଧାପତିଙ୍କ ଅନ୍ୟ ସେବକ ରବିନାରାୟଣ ପାଠୀ, ପ୍ରଭୁ ଶ୍ରୀ ଲୋକନାଥ ପାଠୀ, ହରେକୃଷ୍ଣ ପଣ୍ଡା,ବଳଦେବ ପଣ୍ଡା,ସୋମନାଥ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ଚକ୍ରବର୍ତ୍ତୀ ସଦସ୍ୟ ମୁରଲୀ ମୋହନ ସାହୁ,ପ୍ରିୟନାଥ ସେଠୀ, କାଳିଚରଣ ଦେ, ମଧୁସୂଦନ ସାହୁ, ମଧୁସୂଦନ ବାରିକ, ମନ୍ଦିର ମାଳାକାର କାର୍ତ୍ତିକ ଚନ୍ଦ୍ର ପଣ୍ଡିତ,ନାପିତ କୁମୁଦ ରଞ୍ଜନ ବାରିକ, ସୁପକାର ଶିଶିର କୁମାର ପଣ୍ଡା ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଦେବେନ୍ଦ୍ର କୁହ୍ଲାରୀ , କାଙ୍ଗାଳି ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ଶିକ୍ଷାର ମାନବୃଦ୍ଧି ପାଇଁ ବିବେକାନନ୍ଦ ବିଦ୍ୱତ ପରିଷଦ ଗଠିତ



ବସ୍ତା , ୪/୧ (ନି.ପ୍ର): ପ୍ରାଥମିକ ସ୍ତରରେ ଶ୍ରେଣୀଗୃହ ଶିକ୍ଷା କୁ ଅଧିକ ଛାତ୍ରାନୁରାଗୀ ଓ ସରଳ କରିବାପାଇଁ ଆଜି ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଏକ ବିଦ୍ୱତ ପରିଷଦ ଏମାଇଁସି କାଉଁସିଲ ଗଠନ କରାଯାଇଛି। ନୂତନ ବର୍ଷ ରେ ଅନୁଷ୍ଠାନ ର ସଭାପତି ଶଙ୍କର କୁମାର କର ଙ୍କ ପ୍ରଥମ ପରିଚାଳନା ପରିଷଦ ବୈଠକରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ପରାମର୍ଶ କ୍ରମେ ପ୍ରବୀଣ ଶିକ୍ଷକ ଗଗନ କୁମାର ଜେନା ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ବିଦ୍ୱତ ପରିଷଦ ରେ ବସ୍ତା ତଥା ବାଲେଶ୍ୱର ଜିଲ୍ଲାର ଦଶ ଜଣ ଶିକ୍ଷକ ଓ ଶିକ୍ଷାବିତ୍ ଙ୍କୁ ସ୍ଥାନ ଦିଆଯାଇଛି। ଆଗାମୀ ଶିକ୍ଷା ବର୍ଷରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବହୁମୁଖି ବିକାଶ ପାଇଁ ଖସଡା ପ୍ରସ୍ତୁତ ହୋଇଛି। ଏହି ଅବସରରେ ସମାଜସେବୀ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ ଶ୍ରେଣୀଗୃହ ନିର୍ମାଣ ପାଇଁ ଦଶ ହଜାର ଟଙ୍କା ଦାନ କରିଥିଲେ। ଏହି ବୈଠକରେ କୁମୁଦ ରଞ୍ଜନ ଗିରି, ରାମଚନ୍ଦ୍ର ଦେବ, ନିରଞ୍ଜନ ରଣା,ଶିଶିର କୁମାର ରଥ, ଶ୍ୟାମାପ୍ରସାଦ ବେହେରା, ଗୋରାଙ୍ଗ ବେହେରା ,ପ୍ରତିଭା ମହାପାତ୍ର, ପୁଷ୍ପଲତା ପଟ୍ଟନାୟକ, ଜନଜୀବନ ପ୍ରଧାନ, ଡା: ରବିନାରାୟଣ ସାହୁ, ସୁଶାନ୍ତ ପ୍ରଧାନ, ପ୍ରମୋଦ ରାମ, ହରେକୃଷ୍ଣ ପାଢୀ, ଇଂ ଜଗନ୍ନାଥ ମାଝୀ , ପ୍ରଦୀପ କୁମାର ପରିଡା, ହିମାଂଶୁ ବେହେରା, ମାନଗୋବିନ୍ଦ ମହାନ୍ତି ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

# ମାଟିଆଳପଦାରେ ସାରଥୀ ପରିବାରର ସତସଙ୍ଗ କାର୍ଯ୍ୟକ୍ରମ



ଖଇରା, ୪/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ ମାଟିଆଳପଦା ଗ୍ରାମରେ ଜାମୁଝାଡି ଶାଖା ସାରଥୀ ପରିବାର ପକ୍ଷରୁ ରବିବାର ସଂଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଓଁକାର ଧ୍ୱନୀ ପରେ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ୪୦ ଜଣ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ପରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ବାବାଙ୍କ ଆଶ୍ରିତ ରମେଶ ଚନ୍ଦ୍ର ବେହେରା ପ୍ରବଚକ ଭାବେ ଯୋଗ ଦେଇ ସାରଥିଙ୍କ ମହିମା ଉପରେ ବକ୍ତବ୍ୟ ରଖିଥିଲେ । ଜାମୁଝାଡି ଶାଖାର କର୍ମକର୍ତ୍ତା ଡା ଉତ୍ତମ କୁମାର ସାହୁ, ବାଳକୃଷ୍ଣ ନାୟକ, ମନୋରଞ୍ଜନ ପ୍ରଧାନ, ବିଦ୍ୟୁତ ବିଶ୍ୱାଳ, ମନୋରଞ୍ଜନ ପାତ୍ର,ଉପେନ୍ଦ୍ର ପୁଆଳଙ୍କ ସମେତ ସାରଥୀ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବାଲିଆପାଳ , ୪/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ କରିଥିଲେ। ମୁଖ୍ୟ ଅତିଥିଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ଅଧିକ ପଢିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କେଦାର ମହାନ୍ତି , ସମ୍ମାନିତ ଅତିଥି ଭାବେ ବିଡିଓ ରାଧା ରଞ୍ଜନ ଦାଶ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗିରଥ ଗିରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ପରିଚାଳନା କମିଟି ର ସଭାପତି ଧନଞ୍ଜୟ ରାଉତ, ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ଜର୍ନାଦନ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।

# ବାଦାମପାହାଡ଼-କେନ୍ଦୁଝର ଗଡ଼ ରେଲ ଲାଇନ ପାଇଁ ଜମି ଅଧିଗ୍ରହଣ ସର୍ଭେ ପ୍ରକ୍ରିୟା ଆରମ୍ଭ

ବାରିପଦା, ୪/୧ (ନି.ପ୍ର): ରେଳବାଇ ଆଇନ, ୧୯୮୯ ର ଧାରା ୨୦(ଖ) ଅନୁସାରେ ପ୍ରଦତ୍ତ ଅଧିକାର ଆଧାରରେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜମି ସର୍ଭେ, ମାପନ / ସୀମା ନିର୍ଦ୍ଧାରଣ ଏବଂ ତଦନ୍ତ କାର୍ଯ୍ୟ କରିବା ପାଇଁ ୧୨.୦୧.୨୦୨୬ ରୁ ୦୨.୦୨.୨୦୨୬ ପର୍ଯ୍ୟନ୍ତ ଏକ କାର୍ଯ୍ୟସୂଚୀ ନିର୍ଦ୍ଧାରିତ କରାଯାଇଛି । ଏହି କାର୍ଯ୍ୟସୂଚୀ ସ୍ୱତନ୍ତ୍ର ରେଳ ପ୍ରକଳ୍ପ "ବାଦାମପାହାଡ଼ - କେନ୍ଦୁଝରଗଡ଼ ଥ୮୨.୦୬ କି.ମି. (ମୟୂରଭଞ୍ଜ ଅଂଶ ୪୭.୪୬ କି.ମି.)ଧ, ନୂତନ ବ୍ରଡଗେଜ ଲାଇନ" ସହ ସମ୍ପୃକ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସନ୍ଦର୍ଭରେ ହେବ । ଏହି ରେଳ ଲାଇନ ପାଇଁ କରଞ୍ଜିଆ ତହସିଲ ଅଧୀନରେ ୬ଟି, ଶୁକ୍ଳିର ୭ଟି, ଯଶିପୁରର ୧୯ଟି ଏବଂ କୁସୁମୀ ତହସିଲର ୩ଟି ଗ୍ରାମର କିଛି ଅଂଶ ଜମି ଅଧିଗ୍ରହଣର ଅନ୍ତର୍ଭୁକ୍ତ ଥିବାରୁ ଉକ୍ତ ନିର୍ଦ୍ଦେଶନାମାରେ କରଞ୍ଜିଆ, ସୁକୃଳି, ଯଶିପୁର ଏବଂ କୁସୁମୀର ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସମ୍ପୃକ୍ତ ତହସିଲ ଅନ୍ତର୍ଗତ ତାଙ୍କର ରେଭେନ୍ୟୁ ସୁପରଭାଇଜର / ରେଭେନ୍ୟୁ ଇନ୍ସପେକ୍ଟର / ଅମିନଙ୍କୁ ନିଯୁକ୍ତ କରି ଉକ୍ତ ଆଇନର ଧାରା ୨୦(ଖ)ଅନୁଯାୟୀ ପ୍ଲଟ ଚିହ୍ନଟ, ମାଲିକାନା ସତ୍ୟାପନ ଏବଂ ସ୍ଥାନୀୟ ସମନ୍ୱୟରେ କାର୍ଯ୍ୟ କରିବେ। ନିଯୁକ୍ତ ରେଭେନ୍ୟୁ କର୍ମଚାରୀମାନେ ଜିଲ୍ଲା ପ୍ରାଯୁକ୍ତିକ ଦଳ, ବନ ବିଭାଗ ଅଧିକାରୀ ଏବଂ ଇଞ୍ଜିନିୟରିଂ କର୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରିବେ ଏବଂ ଅନୁମୋଦିତ କାର୍ଯ୍ୟ ସୂଚୀ ଅନୁଯାୟୀ ରେଳବାଇ ଆଇନ ୧୯୮୯ ଧାରା ୨୦(ଖ) ଅନୁସାରେ କ୍ଷେତ୍ର ସତ୍ୟାପନ, ଗଛ ଗଣନା କରି ପ୍ରକ୍ରିୟା ସମାପ୍ତି ପରେ ଗଠନାତ୍ମକ ମୂଲ୍ୟାୟନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଦିଗପହଣ୍ଡି ସଡ଼କ ଦୁର୍ଘଟଣା: ଏମକେସିଜିରେ ଆହତଙ୍କୁ ଭେଟିଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୪/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଚିକିଟି ଝାଟିପିଟିଆ ନିକଟରେ ଘଟିଥିବା ମିନି ବସ୍-ପିକଅପ୍ ଧକ୍କା ଘଟଣାରେ ଆହତ ହୋଇଥିବା ଯାତ୍ରୀମାନଙ୍କୁ ପରିବହନ ମନ୍ତ୍ରୀ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭେଟିଛନ୍ତି। ଦୁର୍ଘଟଣାରେ ଅନେକ ଆହତ ହୋଇଥିବାବେଳେ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପରିବହନ ମନ୍ତ୍ରୀ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସକମାନଙ୍କ ସହ ଆଲୋଚନା କରି ସର୍ବୋତ୍ତମ ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ରେଡ୍‌କ୍ରସ୍ ପାଣ୍ଠିରୁ ଗୁରୁତର ଆହତମାନଙ୍କୁ ପ୍ରତିଜଣଙ୍କୁ ୩୦ ହଜାର ଟଙ୍କା ଏବଂ ଅନ୍ୟ ଆହତମାନଙ୍କୁ ୨୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି।

# କଂଗ୍ରେସରୁ ବାହାରି କେହି ଜଣେ ନୂଆ ଦଳ କଲେ ବିଜେପି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ: ବାବୁ ସିଂ

ଭୁବନେଶ୍ୱର, ୪/୧ (ନି.ପ୍ର): ମହମ୍ମଦ ମୋକିମ୍ ନୂଆ ଦଳ ଗଠନ ନେଇ ସଂକେତ ଦେବା ପ୍ରସଙ୍ଗରେ ବିଜେପି ବିଧାୟକ ବାବୁ ସିଂ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ମହମ୍ମଦ ମୋକିମଙ୍କୁ କଂଗ୍ରେସ ଦଳ ବାହାର କରିଛି । ତେଣୁ ସେ ନିଶ୍ଚିତ ଭାବେ କଂଗ୍ରେସରୁ କିଛି ଅସନ୍ତୁଷ୍ଟ ଲୋକଙ୍କୁ ନେଇ ନୂଆ ଦଳ ଗଠନ ପାଇଁ ଚେଷ୍ଟା କରିବେ । ତେଣୁ ଦଳ ତିଆରି କରନ୍ତୁ । ଦଳ ତିଆରି କରିବା ପାଇଁ କାହାକୁ ମନା ନାହିଁ । ହେଲେ ଦଳ ତିଆରି କଲେ କଣ ଆଭିମୁଖ୍ୟ ରହିବ, ଲୋକଙ୍କ ଭିତରେ କେତେ ଗ୍ରହନୀୟତା ହେବ । ଏହାସହ ସେ ଦଳର ନେତୃତ୍ୱ କିଏ ନେବ ଏ ସବୁ ଲମ୍ବା ପ୍ରକ୍ରିୟା । ଅତୀତରେ ମଧ ଅନେକ ଦଳ ଗଠନ ହୋଇଛି । ଅନେକ ବଡ଼ ବଡ଼ ନେତା ମଧ ଫେଲ ହୋଇଛନ୍ତି । ହେଲେ ଯେତେ ଦଳ ଗଠନ ହେଉ, ରାଜ୍ୟର ବିକାଶ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ । ତେଣୁ ନୂଆ ଦଳ କେତେ ସଫଳ ହେବ କି ବିଫଳ ହେବ ତାହା ରାଜ୍ୟବାସୀ ଭୋଟ ଜରିଆରେ ସ୍ପଷ୍ଟ କରିବେ । ତେବେ ନୂଆ ଦଳ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ ଆସିନାହିଁ । ବିଜେପି ଓ କଂଗ୍ରେସ ଦକ୍ଷିଣ ମେରୁ - ଉତ୍ତର ମେରୁ ସଦୃଶ । ତେଣୁ କଂଗ୍ରେସରୁ ବାହାରି କେହି ଜଣେ ନୂଆ ଦଳ କଲେ ବିଜେପି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ବିଜେଡ଼ି ଏହା ଉପରେ କିଛି କହିପାରିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida